Digitized by srujanika@gmail.com

ମୋଗଲ ତାମସା

କବି ୬ ବଂଶୀବଲ୍ଲଭ ଗୋସ୍ୱାମୀ

ସଂକଳନ ଓ ସଂପାଦନା—

ଶ୍ରୀ କୃଷ୍ଣଚରଣ ବେହେରା

ଅଧ୍ୟାପକ, ଭଦ୍ରକ କଲେଜ

Digitized by srujanika@gmail.com

ପ୍ରକାଶ କାଳ —
ଅପ୍ରେଲ୍, ୧୯୬୭

*

ପ୍ରକାଶକ ଓ ମୁଦ୍ରାକର—
ଶ୍ରୀ ପ୍ରବୋଧାନନ୍ଦ ମହାପାତ୍ର
ଭାଗବତ ପ୍ରେସ, ଭଦ୍ରକ

*

ପ୍ରଚ୍ଛଦ ସଜ୍ଜା—
ଶିଳ୍ପୀ ଶ୍ରୀ ପ୍ରମୋଦକୁମାର ମହାନ୍ତି

*

ସଂକଳକ ଓ ସଂପାଦକଙ୍କ ଦ୍ୱାରା
ସର୍ବସ୍ୱତ୍ୱ ସଂରକ୍ଷିତ

*

ମୂଲ୍ୟ—
ତିନି ଟଙ୍କା ପଞ୍ଚସ୍ତରୀ ପଇସା

Digitized by srujanika@gmail.com

ମାତୃଭୂମିର ବରପୁତ୍ର

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର
ସଙ୍ଗୀତାଚାର୍ଯ୍ୟ ମନମୋହନ ସାବନ୍ତ
ଜାତୀୟ କବି ବାଞ୍ଛାନିଧି ମହାନ୍ତି

ନାଟ୍ୟ-ସଙ୍ଗୀତର ପ୍ରତିଭା-ସ୍ରଷ୍ଟାଙ୍କ

ଅମର ସ୍ମୃତିରେ—

Digitized by srujanika@gmail.com

ଅଧ୍ୟାପକ ଶ୍ରୀ କୃଷ୍ଣଚରଣ ବେହେରାଙ୍କର

ରଚନାବଳୀ :—

ତ୍ରଗଡ ସାହିତ୍ୟ, କଥା ସାହିତ୍ୟ, ଅଶ୍ଳୀଳତା ସପକ୍ଷରେ (ସମାଲୋଚନା ପ୍ରବନ୍ଧ), ଯଥା ନଳସ୍ୟ ଦମୟନ୍ତୀ (ଏକାଙ୍କିକା), ସୃଷ୍ଟିର ସ୍ୱପ୍ନ, ଗୋପନ ଚର (ଗଳ୍ପ), ଚା କପ୍‌ରେ ଝଡ଼, ୫୪ ଖାନୁବାଇ ଲେନ୍ (କବିତା) ଏବଂ ବାଣିଜ୍ୟକ ପତ୍ରାଳାପ (କଲେଜ ପାଠ୍ୟ ପୁସ୍ତକ)

ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ॥

ଅଭିବାଦନ ସହ—

ଭାଗବତ ପ୍ରେସ୍
କଟେଶ୍ୱରୀ ରୋଡ୍, ଭଦ୍ରକ ।

Digitized by srujanika@gmail.com

ସୂଚୀପତ୍ର

୧ । ଆମୁଖ— ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନ

୨ । ଶୁଭାଶିଷ— କବିଚନ୍ଦ୍ର ଶ୍ରୀ କାଳୀଚରଣ ପଟ୍ଟନାୟକ ପୃଷ୍ଠା ୦/

୩ । ଭୂମିକା— ଡକ୍ଟର ଶ୍ରୀ ହରେକୃଷ୍ଣ ମହତାବ ... ପୃଷ୍ଠା ।/

୪ । ମୁଖବନ୍ଧ— ... ପୃଷ୍ଠା ୭/

୫ । ମୋଗଲ ତାମସା— ପୃଷ୍ଠା ୧

୬ । ଟୀକା-ଟିପ୍ପଣୀ— ପୃଷ୍ଠା ୪୯

Digitized by srujanika@gmail.com

ଆମୁଖ

ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନ

ଉତ୍କଳ ବିଶ୍ୱବିଦ୍ୟାଳୟ

ମୁଁ 'ମୋଗଲ ତାମସା' କଥା ଶୁଣିଥିଲି ଏବଂ ଏହାର ଅଭିନୟ ଦେଖିବାକୁ ଅନେକ ଥର ଚେଷ୍ଟା କରିଛି । କିନ୍ତୁ ଏ ପର୍ଯ୍ୟନ୍ତ ସେ ସୌଭାଗ୍ୟ ଜୁଟି ନାହିଁ । ଏହା ଭିତରେ 'ମୋଗଲ ତାମସା'ର ମୁଦ୍ରିତ ଅଂଶ ପଢ଼ିବାକୁ ପାଇଲି । ନାନା ଦିଗରୁ ମୋ ମନରେ ଏହା ଏତେ କୁତୂହଳ ସୃଷ୍ଟି କଲା ଯେ ଏକାଥରକେ ଶେଷ କରିବାକୁ ପଡ଼ିଲା । ପ୍ରକୃତରେ କହିବାକୁ ଗଲେ ଓଡ଼ିଆ ସାହିତ୍ୟର ଏହା ଏକ ଅପୂର୍ବ ଗ୍ରନ୍ଥ ।

'ମୋଗଲ ତାମସା'ର ଲେଖକ କବି ବଂଶୀବଲ୍ଲଭ । ତାଙ୍କର ଜନ୍ମସ୍ଥାନ ଭଦ୍ରକ ଏବଂ ଜନ୍ମ କାଳ ଖ୍ରୀ: ୧୭୨୮ ସାଲ । ଏହା ପୂର୍ବରୁ ଏବଂ ଏହି ସମୟରେ ଓଡ଼ିଶାରେ ବିଶେଷ କରି ଭଦ୍ରକ ଅଞ୍ଚଳରେ ମୁସଲମାନ ଶାସନ ଚାଲୁଥିଲା । ମୁସଲ-ମାନମାନଙ୍କ ହାତରେ ଶାସନ କ୍ଷମତା ଥିବାରୁ ଭାଷା ଓ ସଂସ୍କୃତି କ୍ଷେତ୍ରରେ ସେମାନଙ୍କ ପ୍ରଭାବ ପଡ଼ିବା ସ୍ୱାଭାବିକ । କେବଳ 'ରାଜାନୁଗତୋଧର୍ମଃ' ନୁହେଁ, 'ରାଜାନୁଗତା ଭାଷା' ମଧ୍ୟ । ଇଂରେଜମାନେ ଭାରତ ଛାଡ଼ି ଚାଲି ଯାଇଥିଲେ ମଧ୍ୟ ଇଂରେଜୀ ଜାଣି ନ ଥିଲେ ଆଜି କେହି ଭାରତୀୟ, ସଭ୍ୟ ସମାଜଭୁକ୍ତ ହୋଇ ପାରୁ ନାହାନ୍ତି । ମୁସଲମାନ ରାଜତ୍ୱ କାଳରେ ମଧ୍ୟ ଏହି କଥା ସତ୍ୟ ଥିଲା । ଫାର୍ସୀ ନ ଜାଣିଲେ, କେହି ସମ୍ଭ୍ରାନ୍ତ ଶ୍ରେଣୀଭୁକ୍ତ ହୋଇ ପାରୁ ନ ଥିଲେ, ଅର୍ଥାତ୍ ସମ୍ଭ୍ରାନ୍ତ ବୋଲାଇବାକୁ ହେଲେ ଫାର୍ସୀ ଶିଖିବାକୁ ପଡ଼ୁଥିଲା । ସାଧାରଣ ମୁସଲମାନମାନେ ଉର୍ଦ୍ଦୁ କହୁଥିଲେ । ଏହା ବାହାରେ ମଧ୍ୟ ସମାଜ ଥିଲା, ଯେଉଁମାନେ ନିଜ ନିଜ ଭାଷା କହୁଥିଲେ । କବି ବଂଶୀବଲ୍ଲଭ ଏହି ସବୁ ଭାଷାର ପ୍ରୟୋଗ କରିଛନ୍ତି । ତାଙ୍କ ବିପ୍ଳବୀ ମନୋବୃତ୍ତିର ଏହିଠାରେ ପରିଚୟ ମିଳେ ।

ଓଡ଼ିଶାରେ ନାଟକ ସାହିତ୍ୟରେ ଅନେକ ବିପ୍ଳବ ଘଟି ଯାଇଛି । ସଂସ୍କୃତ ନାଟକରେ କେବଳ ସଂସ୍କୃତ ଓ ପ୍ରାକୃତର ବ୍ୟବହାର ହେଉଥିଲା । ଓଡ଼ିଆ କବି

Digitized by srujanika@gmail.com
Digitized by srujanika@gmail.com

ସେଥିରେ ଓଡ଼ିଆ ଗୀତ ଶୁଣାଇଲେ । ଆହୁରି ମଧ୍ୟ ବହୁ ପ୍ରାଚୀନ ପରଂପରା ଚାଲି ଆସୁଛି ଯେ ସଂସ୍କୃତ ନାଟକରେ ଉଚ୍ଚ ବଂଶଜାତ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସଂସ୍କୃତ ଭାଷାରେ କଥାବାର୍ତ୍ତା କରନ୍ତି । କିନ୍ତୁ ତାଙ୍କ ସ୍ତ୍ରୀମାନେ ପ୍ରାକୃତ ବ୍ୟବହାର କରନ୍ତି, ରାଜା ବା ନାୟକଙ୍କ ବୟସ୍ୟ ବିଦୂଷକ ମଧ୍ୟ । ନିମ୍ନ ଶ୍ରେଣୀସ୍ଥ ପାତ୍ରମାନେ ମାଗଧୀ, ପୈଶାଚୀ ଆଦି ପ୍ରାକୃତରେ କଥାବାର୍ତ୍ତା କରନ୍ତି । ଏହି ଭାଷା ବ୍ୟବହାରରୁ ପାତ୍ର-ମାନଙ୍କ ସାମାଜିକ ସ୍ତର ଜଣାପଡ଼େ । କବି ବଂଶୀବଲ୍ଲଭ ମଧ୍ୟ ଏହି ପରଂପରାକୁ ଅନ୍ୟ ପ୍ରକାରରେ ଉପଯୋଗ କରିଛନ୍ତି । ସମାଜରେ ସବୁଠାରୁ ଉଚ୍ଚ ସ୍ଥାନ ଥିବାରୁ ମିର୍ଜା ଫାର୍ସୀରେ କହୁଛନ୍ତି । କିନ୍ତୁ ଫାର୍ସୀ ସମସ୍ତେ ବୁଝି ପାରନ୍ତି ନାହିଁ । ଏଣୁ ଗୈପଦାର ଉର୍ଦ୍ଦୁ ବା ହିନ୍ଦିରେ କହୁଛନ୍ତି । ମିର୍ଜାଙ୍କ ସଙ୍ଗରେ ପ୍ରତ୍ୟକ୍ଷ କଥାବାର୍ତ୍ତା କରିବାର ଅଧିକାର ମଧ୍ୟ ସମସ୍ତଙ୍କର ନ ଥିଲା । ଅନ୍ୟମାନେ ନିଜ ନିଜ ସାମାଜିକ ସ୍ଥିତି ଅନୁସାରେ ହିନ୍ଦି (ଉର୍ଦ୍ଦୁ), ଓଡ଼ିଆ ଓ ବଙ୍ଗଳା କହିଛନ୍ତି । ତେଣୁ ଭାଷାତତ୍ତ୍ୱ ଦୃଷ୍ଟିରୁ ମୋଗଲ ତାମସା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

କେବଳ ଭାଷା କ୍ଷେତ୍ରରେ ନୁହେଁ, ସମାଜ ସଂସ୍କାର କ୍ଷେତ୍ରରେ ମଧ୍ୟ କବିଙ୍କର ବିପ୍ଳବୀ ମନୋବୃତ୍ତିର ଛାପ ସୁସ୍ପଷ୍ଟ । ଶାସକମାନଙ୍କ 'ଛୋନୀ ବନି' ମନୋବୃତ୍ତି ଉପରେ କଟୁ ଓ ତୀବ୍ର ଆକ୍ଷେପ କରାଯାଇଛି । ନାନା ଦିଗରୁ 'ମୋଗଲ ତାମସା' ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ମଧ୍ୟ ଏହାର ମହତ୍ତ୍ୱ ଉପଲବ୍ଧ ହେବ ବୋଲି ବିଶ୍ୱାସ । ନାଗରୀ ଅକ୍ଷରରେ ଏହାର ଗୋଟିଏ ସଂସ୍କରଣ ହେଉ ବୋଲି ମୋର କାମନା ।

Digitized by srujanika@gmail.com

ଶୁଭାଶିଷ

କବିଚନ୍ଦ୍ର ଶ୍ରୀ କାଳୀ ଚରଣ ପଟ୍ଟନାୟକ

ଜଗନ୍ନାଥବଲ୍ଲଭ, କଟକ
ତା ୧୬ । ୧୧ । ୬୫

ସ୍ନେହର କୃଷ୍ଣଚରଣ ବାବୁ,

ସତରେ, ଆପଣ ଗୋଟିଏ ଶୁଭ ଖବର ଦେଲେ । ଭାରି ଖୁସି ଲାଗିଲା । 'ମୋଗଲ ତାମସା' ଏତେ କାଳକେ, — କେମିତି ଆଉ କଅଣ ବୋଲି ସଭିଏଁ — ଜାଣିବେ । ପାଶୋରା କଥାକୁ ଚେତାଇ, ଆପଣ ବଡ଼ କାମଟାଏ କଲେ । ପଛ-ଦିନର କଥା, —ଯାହାକୁ 'ସ୍ମୃତି' ନାଆଁ ଦିଆ ହୋଇଛି, ଭାରି ମଧୁର ସେ । ଦୁନିଆଁରେ ସବୁ ଆଗୁଆ ଚାଲୁଥିବା ନିୟମକୁ ଭାଙ୍ଗି, ସେ ବାଟୋଇକି - ଦଣ୍ଡେ ମୁହୂର୍ତ୍ତେ ହେଉ ପଛେ— ପଛଆଖିଆ କରିଦିଏ । ତାକୁଇ ନେଇ ମଣିଷ ବଞ୍ଚିବା ଭଳି, ବଞ୍ଚେ । ଆପଣ ସେଇ ସ୍ମୃତିର ଆରାଧନା କରି ବସିଛନ୍ତି ।

ଏଇ ମାସ କେଇଟାର କଥା ତ ! ଆପଣଙ୍କ ବସାରେ ଯେଉଁ ଦିନ 'ମୋଗଲ ତାମସା'ର ସ୍ୱରଲିପି ଆପଣ ମୋତେ ଦେଖାଇଲେ, ସେଦିନ ଏକ ଅଭୁଲା ସ୍ୱପ୍ନର ଝଲକ ଧୂପ ଘାଇ ଭଳି, ମୋ ଆଖି ଆଗରେ ଭାସି ଉଠିଲା ।

ଅନେକ ଦିନର ଘଟଣା— ଦରି-ପାଶୋରା ହୋଇ ଯାଇଥିଲା । ପ୍ରାୟ ୧୯୨୨ । ୨୩ ର କଥା । ସେତେବେଳକୁ ମୋର ନମସ୍ୟ 'ଲକ୍ଷୀ' ଭାଇ ବଞ୍ଚି-ଥାଆନ୍ତି ।

ଥରେ ଖରାଦିନଆଁ ଜହ୍ନିଆ ରାତିରେ ସେ, ମୁଁ, ମୋର ସଂଗୀତଜ୍ଞ ବନ୍ଧୁ ସ୍ୱର୍ଗୀୟ ମନମୋହନ ସାବୁତ ଆଉ ସଂଗୀ ଫାରୁମିଆଁ (ହକିମ୍ ମହମ୍ମଦ ଫାରୁକ) ଭଦ୍ରକରେ ଲକ୍ଷ୍ମୀଭାଇଙ୍କ କୋଠା ଛାତ ଉପରେ ବସିଥାଉଁ— ସଂଗୀତ ସାହିତ୍ୟ ଆଲୋଚନା ଚାଲିଥାଏ । ଲକ୍ଷୀଭାଇ (ସ୍ୱର୍ଗୀୟ କାନ୍ତକବି) ମୋତେ ମୋଗଲ ତାମସା ଦେଖି ଯିବାକୁ କହିଲେ । ତହିଁ ଆରଦିନ ତାମସା ଦେଖିବାକୁ ଗଲି ।

ଜଣେ କେତେ ପୁରୁଖା ଲୋକ କହିଲେ ଆଗେ ତାମସା ଯେମିତି ହେଉଥିଲା, ଏବେ ତା'ର ଚାରିପଣରେ ନାହିଁ । ସେ ରୂପ ରଂଗ ମଉଳି ଆସିଲାଣି । ହେଲେ,

Digitized by srujanika@gmail.com
Digitized by srujanika@gmail.com

ମୋଟେ ତ ନୂଆ ! ମୂଳରୁ ଶେଷଯାଏଁ ଯାହା ଦେଖିଲି, ସେଥିରେ ତାଟକା ହୋଇଗଲି । କି ଚମତ୍କାର ଉପସ୍ଥାପନା ! କେଉଁ ଉଦାରମନା ଯୋଗଜନ୍ମା ମହାତ୍ମାଙ୍କ ପରିକଳ୍ପନା ଏ କେଜାଣି ! ଗଂଗାଯମୁନାର ସଂଗମ ସେ ତାଙ୍କ ଆଖି ଆଗରେ ଦେଖୁଥିଲେ ବୋଲି, ବିଶ୍ୱାସ ମୁଁ । ମୋଗଲ ଅମଳରେ ଏଠି,— ଆମ ଜନ୍ମ ଭୂଇଁରେ – ହିନ୍ଦୁ ମୁସଲମାନ ମମତା ବନ୍ଧନର ଏକ ଅପୂର୍ବ ବେଗ ଗତି ଦେଇ ଯାଇଛନ୍ତି ସେ !

'ମୋଗଲ ତାମସା' — Open-air Theatre — ବା ଲୀଳାଯାତ୍ରା । ଶ୍ରେଷ୍ଠ ବଡ଼, ଧଳୁର ଆଖିମନ ପାଇଁ ଖୋରାକି ଯୋଗାଇ ଦେବା ଯୋଗାଡ଼ ହୋଇଛି ଏଥିରେ । ଆମ ଜାତିଟା ସାଧାରଣରେ ବଡ଼ ସଂଗୀତପ୍ରିୟ ତ ! ମୋ ଜାଣିବାରେ ଏ ଜାତି ପାଠ ବି ପଢ଼େ ସଂଗୀତ ଭିତରେ ବୁଡ଼ି । ତେଣୁ ଲୀଳାଯାତ୍ରା ବା ସୁଆଙ୍ଗ ମାଧ୍ୟମରେ ଏକତା ମନ୍ତ୍ରର ପ୍ରଚାର ବ୍ୟବସ୍ଥା ପାଇଁ ସେଇ ଦୂରଦର୍ଶୀ ଦେଶପ୍ରେମୀଙ୍କର ଏହା ଏକ ସୁଚିନ୍ତିତ କୌଶଳ । ଏଥିରେ ସାଂପ୍ରଦାୟିକତାର ବିଚାର ତ ନାହିଁ, ତା ଛଡ଼ା 'କଳା'କୁ କଳାର ଉଚିତ ମର୍ଯ୍ୟାଦା ଦେଇ ମୋଗଲ ତାମସା ପରିଷା ହେଉଥିବାର ଦେଖିଲି । ଦେଖଣାହାରୀଏ ମଧ୍ୟ ପୂରାପୁରି କଳା-ଦୃଷ୍ଟିରେ ଏହାକୁ ଗ୍ରହଣ କରନ୍ତି— ଉପଭୋଗ କରନ୍ତି ତା' ନୋହିଲେ ବିଭିନ୍ନ ଚରିତ୍ର ମୁଖରେ ବିବିଧ ସମାଲୋଚନାରେ କେତେ ଜାତିଆଣ କନ୍ଦଳ ଉପୁଜୁ ଥାଆନ୍ତା !

ମୋଗଲ ତାମସାର ଭାଷରେ ବି ବିଶେଷତ୍ୱ ରହିଛି । ବର୍ଣ୍ଣନା ଓ ଗୀତ ରଚନ ଉର୍ଦ୍ଦୁ ବା ଫାରସୀ ଶବ୍ଦବହୁଳ । ଯୋଜନା ବଡ଼ ମନମତାଣିଆ । ସେତେବେଳେ ଲୋକେ ସମଝୁଥିଲେ ବୋଲି ମିନା ଏଇ ଗଣ-ନାଟ୍ୟର ଭାଷା ଏହିଭଳି ରୂପ ନେଇଥିଲା ! ରଚନା ଯେମିତି ଲଳିତ,— ସେମିତି ରସଭରା । ସାଧାରଣ ଜୀବନର ଘଟଣା ଅନାୟାସରେ ସଜଡ଼ା ହୋଇଛି ଏଥିରେ । ତେଣୁ ସବୁରି ସମାଦର ପାଇ ପାରୁଛି ।

ଆଉ ଗୋଟିଏ ବିଶେଷ କଥା ହେଲା,— ଭାଷା ସାଙ୍ଗକୁ ସ୍ୱର ଝଙ୍କାରରେ ବାହାଦୁରୀଟା । ଲୋକ ମନରେ ସହଜରେ— ବିନା ଚେଷ୍ଟାରେ— ଖୁଣ୍ଟିଏଁ ଖୁଣ୍ଟିଏଁ ବସା ବାନ୍ଧିବା ଭଳି ସ୍ୱର ଯୋଜନା କରାଯାଇଛି । ମୋଗଲ ତାମସା ଜନପ୍ରିୟତା ଅର୍ଜନ କରି ପାରିଥିବାର ଏହା ଅନ୍ୟତମ ପ୍ରଧାନ କାରଣ ।

Digitized by srujanika@gmail.com

ବୁଡ଼ଯାଉଥିଲା ଏଗୁଡ଼ିକ ବୋଲି କହିବା ଅପେକ୍ଷା ବରଂ ବୁଡ଼ି ଯାଇଥିଲା କଥାଟା କହିବା ଯୋଗାଏ । ମୋର ଖୁବ ମନ ଥିଲା, ଏ ସବୁ ସଂଗ୍ରହ କରିବି ବୋଲି । ଥରେ କେତେ ଚେଷ୍ଟା ବି ନ କରିଛି, ଏହା ନୁହେଁ । କାହାକୁ କେମିତି ଅନୁରୋଧ ମଧ୍ୟ କରିଛି, ମୋତେ ସାହାଯ୍ୟ ଦେବାକୁ ।

ମାନ ବୁଝିଲେ କୃଷ୍ଣଚରଣ ବାବୁ ! ସବୁ ଜିନିଷର ଗୋଟାଏ କୋଷ୍ଠୀ ବା ଜନ୍ମଜାତକ ଅଛି । ମୋତେ ଆପଣ ଦୋଷ ଦିଅନ୍ତୁ ପଛେ, ମୋର କାହିଁକି ସବୁ-ବେଳେ ଏଇ ବିଶ୍ୱାସ । ଆପଣଙ୍କଦ୍ୱାରା ମୋଗଲ ତାମସା ଏତେ କାଳକେ ଲୋକ-ଆଖିକି ଆସିବାର ବିଧି ଥିଲା, ତେଣୁ ଆପଣ ମଲାପିଣ୍ଡରେ ଜୀବନ ଆଣି ଦେଲେ । ଏ ଗୌରବର ଅଧିକାରୀ ଆପଣ । ସାତ ତାଳ ପଙ୍କ ଭିତରୁ ରତ୍ନ ଉଦ୍ଧାର କଲେ । ' ଧନ୍ୟ-ବାଦ ' ଦିଅନ୍ତି ଯେ, କେମିତି ମନଟା ବଳୁ ନାହିଁ । ମୋ ବିଚାରରେ ଏଇ 'ଧନ୍ୟବାଦ' ଦିଆ କଥାଟା— ମାଗିଆଣା— ବଡ଼ ଲୋକ ଦେଖାଣିଆଁ —ଶୁଖିଲା । ମୁଁ ସାଧୁବାଦ ଦେଉଛି ତେଣୁ ।

ଆଉ ପଦେ କହୁଛି— ଶୁଣନ୍ତୁ କୃଷ୍ଣଚରଣ ବାବୁ ! ମୋଗଲ ତାମସା ଗଛ ରୋଇ ଯାଇଥିଲେ ଜଣେ ମହାନୁଭବ ପୁରୁଷ । କେଉଁ କାଳରୁ । ଆଜି ସେ ଦର-ମଉଳା ଗଛ ମୂଳରେ ଜଣେ ମାଳି ପାଣି ସାର ଦେଇ ଗଛଟିକି ଜିଆଇ ରଖିଲେ, ଫୁଲ ଫଳ ଖେଳାଇବା ଯୋଗାଡ଼ କଲେ । ସେ ସ୍ୱର୍ଗତଃ ମହାତ୍ମା ଏ ଭଳି ମାଳୀଙ୍କୁ ତ ଅବଶ୍ୟ ତାଙ୍କର ମନଭରା ଆଶୀର୍ବାଦ ଦେବେ । ଆଉ ମୁଁ ଭଲା କି ଗୁହାର !

ସୁଖୀ ହୁଅନ୍ତୁ ଆପଣ— ଆପଣଙ୍କ ଶ୍ରମ ସାର୍ଥକ ହେଉ । ଜଗନ୍ନାଥେ ଦୀର୍ଘାୟୁ କରନ୍ତୁ ।

ଗୁଣମୁଗ୍ଧ

କାଳୀଚରଣ ।

Digitized by srujanika@gmail.com
Digitized by srujanika@gmail.com

ଭୂ ମି କା

ଡକ୍ଟର ଶ୍ରୀ ହରେକୃଷ୍ଣ ମହତାବ

ଓଡ଼ିଶା ରାଜ୍ୟ ଭାଷା ହିସାବରେ ଫାର୍ସି ପ୍ରାୟ ଅଢ଼େଇ ଶହ ବର୍ଷ ଚାଲିଥିଲା । ଏହି ଦୀର୍ଘକାଳ ମଧ୍ୟରେ ବହୁ କବି ଓ ଲେଖକ ଫାର୍ସି ଭାଷାରେ ବହୁ ସାହିତ୍ୟ ସୃଷ୍ଟି କରିଥିବେ— ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେ ସମୟର ସାହିତ୍ୟ ଆଜି ମିଳୁ ନାହିଁ । ସବୁ ଯେ ଲୋପ ପାଇ ଯାଇଛି, ତାହା ନୁହେଁ । କେଉଁଠି କପରି ସେଥିରୁ ଅନ୍ତତଃ କେତେକ ରହିଥିବ, ଏଥିରେ ସନ୍ଦେହ ନାହିଁ । ସେଥି ଭିତରୁ କବି ବଂଶୀବଲ୍ଲଭଙ୍କ ରଚିତ 'ମୋଗଲ ତାମସା' ବର୍ତ୍ତମାନ ପ୍ରକାଶିତ ହେଉଛି । ଆଜି ସୁଦ୍ଧା 'ମୋଗଲ ତାମସା' ଭଦ୍ରକରେ ଜୀବିତାବସ୍ଥାରେ ଅଛି । ଆଜି ସୁଦ୍ଧା ବଂଶୀବଲ୍ଲଭ ଲୋକ ମୁଖରେ ପୂର୍ଣ୍ଣ ପ୍ରାଣରେ ଜୀବିତ । ଯେ କୌଣସି ସାହିତ୍ୟିକଙ୍କୁ ଏ ଗୌରବ ଲାଭ କରିବାର ସୌଭାଗ୍ୟ ଘଟି ନ ଥାଏ । ଯାହାଙ୍କୁ ସେ ସୌଭାଗ୍ୟ ମିଳିଛି, ତାଙ୍କ-ଠାରେ କିଛି ବିଶେଷତ୍ୱ ଅଛି ବୋଲି ଜାଣିବାକୁ ହେବ । ଶତାଧିକ ବର୍ଷକାଳ ଲୋକମୁଖରେ ଜୀବିତ ରହିବା ସାଧାରଣ ବ୍ୟାପାର ନୁହେଁ । ସେହି ଅସାଧାରଣ କବି ବଂଶୀବଲ୍ଲଭଙ୍କ କେତେକ ରଚନା ଅଧ୍ୟାପକ ଶ୍ରୀ କୃଷ୍ଣଚରଣ ବେହେରାଙ୍କ ଯତ୍ନରେ ପ୍ରକାଶିତ ହେବାକୁ ଯାଉଛି । ଏ ପ୍ରଯତ୍ନ ପାଇଁ ଅଧ୍ୟାପକ ଶ୍ରୀ କୃଷ୍ଣଚରଣ ଧନ୍ୟବାଦର ପାତ୍ର । ସାହିତ୍ୟ ଇତିହାସର ଏକ ଅନ୍ଧକାରମୟ ବିସ୍ମୃତ କାଳ ପ୍ରତି ସେ ଆଲୋକପାତ କରିଛନ୍ତି ।

କବି ବଂଶୀବଲ୍ଲଭଙ୍କ ଜନ୍ମ ଖ୍ରୀ : ୧୭୨୮ରେ ବୋଲି କେତେକ ପୋଥିରୁ ମିଳେ । ଐତିହାସିକ ପରିସ୍ଥିତି ଦୃଷ୍ଟିରୁ ଏହା ବିଶ୍ୱାସଯୋଗ୍ୟ ବୋଲି ମନେ ହୁଏ । ଷୋଡ଼ଶ ଶତାବ୍ଦୀର ଶେଷ ପାଦରେ ଆକବରଙ୍କ ପକ୍ଷରୁ ରାଜା ମାନସିଂହ ଆଫଗାନ-ମାନଙ୍କୁ ପରାସ୍ତ କରି ଓଡ଼ିଶା ଶାସନ ହାତକୁ ନେବା ପରେ ସେ ଦୂରଦୃଷ୍ଟି ପ୍ରୟୋଗ କରି ଆଫଗାନମାନଙ୍କୁ ଉତ୍ତର ଓଡ଼ିଶାର ବହୁ ସ୍ଥାନରେ ଜାଗିର ଜମି ଓ ଜମିଦାରି ଦେଇ ରଖାଇ ଦେଲେ । ଏହି ହେଉଛି କାରଣ, ଯେଉଁଥିପାଇଁ ଓଡ଼ିଶାରେ ଶୁଦ୍ଧ ମୁସଲମାନଙ୍କ ସଂଖ୍ୟା ବେଶୀ ଓ ମୁସଲମାନଙ୍କ ମଧ୍ୟରେ ଫାର୍ସି ଭାଷା ବିକୃତାକାରରେ ହେଲେ ମଧ୍ୟ ଆଜିସୁଦ୍ଧା ପ୍ରଚଳିତ । ଯେଉଁଠି ସ୍ଥାନୀୟ ଅଧିବାସୀମାନେ ନିଜର ଧର୍ମ ତ୍ୟାଗ କରି ମୁସଲମାନ ଧର୍ମ ଗ୍ରହଣ କରିଛନ୍ତି, ସେଠି ଫାର୍ସି ବା ଉର୍ଦ୍ଦୁ ସେମାନଙ୍କ

Digitized by srujanika@gmail.com

ମାତୃଭାଷା ହୋଇ ପାରି ନାହିଁ । କିନ୍ତୁ ଆଫଗାନମାନେ ବହୁ ସଂଖ୍ୟାରେ ଓଡ଼ିଶାରେ ବସବାସ କରି ରହି ଯିବାରୁ ସେମାନଙ୍କ ମାତୃଭାଷା ଫାର୍ସି ଭାଷା ହୋଇ ରହିଲା । ଆକବରଙ୍କ ସମୟରୁ ଜାଗୀର ପାଇ ରହିଥିବା ମୁସଲମାନଙ୍କ ବସତି ଭଦ୍ରକରେ ଅପେକ୍ଷାକୃତ ବେଶୀ । ଏଣୁ ସେଠି ଫାର୍ସି ଭାଷା ବିଶେଷ ଭାବରେ ପ୍ରଚଳିତ ହୋଇ-ଥିବାର କଥା । ପ୍ରଥମାବସ୍ଥାରେ ଧର୍ମ ଭେଦ ସଂଘର୍ଷ ଦେଖାଯାଇଥିବାର ସ୍ୱାଭାବିକ; ଯେଉଁ ସଂଘର୍ଷ ଯୋଗେ ଭଦ୍ରକାଳୀ ଭଦ୍ରକରୁ ବିଦାୟ ନେଲେ ଓ କାହ୍ନୁ ସ୍ଥାନରେ ମନ୍ଦିର ସ୍ଥାନରେ ମସଜିଦ୍ ନିର୍ମିତ ହେଲା । କବି ବଂଶୀବଲ୍ଲଭ ସେ ସମୟର ଲୋକ । ଶତାଧିକ ବର୍ଷ ପରେ ଯେତେବେଳେ ଜାଗୀରଦାରମାନେ ସ୍ଥିର ଜୀବନରେ ପହଞ୍ଚିଲେ ଓ କ୍ରମେ ସେମାନଙ୍କ ମଧ୍ୟରେ ଅପରାହ୍ନର ବିଳାସ ପ୍ରବେଶ କଲା, ସେତିକିବେଳେ ଓଡ଼ିଶାରେ ମରହଟ୍ଟା ଶାସନର ପ୍ରତିଷ୍ଠା— ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ । ମରହଟ୍ଟା ଶାସନରେ ରାଜଭାଷା ପୂର୍ବପରି ଫାର୍ସି ରହିଥିଲା । ମରହଟ୍ଟା ଶାସନ ପ୍ରତିଷ୍ଠିତ ହେଲା ପରେ ହିନ୍ଦୁ ଦେବଦେବୀମାନଙ୍କ ପୂଜା ଅବାଧ ପ୍ରଶ୍ରୟ ଲାଭ କରିଥିଲା । ବିଶେଷତଃ ସେହି ସମୟରେ ଶିବଙ୍କ ବନ୍ଦନା ଜନପ୍ରିୟ ହୋଇଥିଲା, କାରଣ ମରହଟ୍ଟା ଶାସକମାନେ ଶିବ-ଉପାସକ ଥିଲେ । ସେତେବେଳକୁ ଆଫଗାନ ମିର୍ଜାଙ୍କ କର୍ପୂର ଉଡ଼ିଯାଇ କେବଳ କନାମାନ ଥିଲା । ତେଣୁ ସେମାନଙ୍କୁ ପରିହାସ କରିବା ମଧ୍ୟ ସମ୍ଭବ ହୋଇ ପାରିଥିଲା । ସେମାନଙ୍କ ଜୀବନ ବର୍ଣ୍ଣନା ଆଜି ପରିହାସାତ୍ମକ ବୋଲି ମନେ ହେଲେ ମଧ୍ୟ ସେତେବେଳେ ସେ ପରିହାସ ଧନୀ ମିର୍ଜାଙ୍କ ଚିତ୍ତ ବିନୋଦନ କରୁଥିବ । ସେକସ୍‌ପିଅରଙ୍କ କିଙ୍ଗ୍ ଲିୟରର୍ ଭଳି ସେ ସମୟର ମିର୍ଜା ପାର୍ଶ୍ୱଚରମାନଙ୍କ କ୍ରୀଡ଼ାପୁତ୍ତଳି ହୋଇ ଯାଇଥିଲେ । ସେହି ସମୟର ଚିତ୍ର 'ମୋଗଲ ତାମସା'ରେ ପାଠକମାନେ ପାଇ ପାରିବେ ।

'ମୋଗଲ ତାମସା' ଛଡ଼ା ଅନ୍ୟାନ୍ୟ ଅନେକ ବିଷୟରେ ସେ ସମୟର ସୁରଚିତ କବିତାମାନ ଆଜି ସୁଦ୍ଧା ଲୋକ ମୁଖରେ ଶୁଣିବାକୁ ମିଳେ । ଏପରି-କି ଶ୍ରୀଚୈତନ୍ୟଙ୍କ ଭଦ୍ରକ ପଥେ ପୁରୀ ଆଗମନ ସମ୍ବନ୍ଧୀୟ ଫାର୍ସି କବିତାମାନ ଶୁଣିବାକୁ ମିଳେ । କବି ବଂଶୀବଲ୍ଲଭଙ୍କ ବ୍ୟତୀତ ଅନ୍ୟ କବିମାନେ ମଧ୍ୟ ସେ ସମୟରେ ଥିଲେ । କ୍ରମେ ସେମାନଙ୍କ ଲେଖା ଲୋକଲୋଚନକୁ ଆସିବ ବୋଲି ଆଶା କରାଯାଏ । ଯେଉଁ ଅଷ୍ଟାଦଶ ଶତାବ୍ଦୀରେ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ସାହିତ୍ୟ ପୁଷ୍ଟି ଲାଭ କରି 'କବି-ସମ୍ରାଟ' ସୃଷ୍ଟି କରିଥିଲା, ସେହି ସମୟରେ ଭଦ୍ରକରେ ଫାର୍ସି ଭାଷାରେ ଓଡ଼ିଆ କବିମାନଙ୍କର ଆବିର୍ଭାବ ହୋଇଥିଲା । ଏହି ଦୃଷ୍ଟିରୁ ଅଷ୍ଟାଦଶ ଶତାବ୍ଦୀକି ଓଡ଼ିଆ ସାହିତ୍ୟର 'କବି ଶତାବ୍ଦୀ' କହିବାର ଅତ୍ୟୁକ୍ତି ହେବ ନାହିଁ ।

Digitized by srujanika@gmail.com

ଆଜି ଯାହା ଓଡ଼ିଆ ଯାତ୍ରା ବୋଲି ପରିଚିତ, ତାହାର ରୂପ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର । କିନ୍ତୁ ଉପକୂଳବର୍ତ୍ତୀ ଜିଲାମାନଙ୍କରେ ଯେଉଁ ରୂପରେ ଓଡ଼ିଆ ଯାତ୍ରା ଆଜି ପ୍ରଚଳିତ, ତାହାର ଆରମ୍ଭ ମୋଗଲ ତାମସାଠାରୁ । ବୈଷ୍ଣବ ପାଣି ଓଡ଼ିଆ ଯାତ୍ରାରେ ସଂସ୍କାର ସାଧନ କରିବା ପର୍ଯ୍ୟନ୍ତ, ଓଡ଼ିଆ ଯାତ୍ରାର ରୂପ ଏହି ଥିଲା ଯେ ପ୍ରଥମେ ପଖାଜ କୁବଜି ଓ ବେହେଲା ସାହାଯ୍ୟରେ ସମବେତ ବନ୍ଦନା ବୋଲି ହେଉଥିଲା । ତା'ପରେ ନାଚ ପିଲାମାନେ ନୃତ୍ୟ କରୁଥିଲେ । ତା'ପରେ ମୁସଲମାନ ରାଜତ୍ୱର ଶବ ପ୍ରଦର୍ଶନ ହେଉଥିଲା, ଅର୍ଥାତ୍ ଜଣେ ମୁସଲମାନ ବେଶରେ ଆସି ଫାର୍ସି ଭାଷାରେ ଗାନ ଓ ଦୁହା ବୋଲୁଥିଲେ ଓ ସଙ୍ଗେ ସଙ୍ଗେ "ଗ୍ରେହୀ, ବନ୍ଦି, ଛପରଖଟ ମସୁର୍" ଦାବୀ କରୁଥିଲେ । ତା'ପରେ 'ଦ୍ୱାରୀ' ଆସୁଥିଲେ ଓ ଶେଷରେ ରାଜା ରାଣୀ ଆଦି 'ସମ୍ବାଦ' ଆରମ୍ଭ କରୁଥିଲେ । ଠିକ୍ ଏହାର ପୂର୍ବରୁ ଯାତ୍ରାର ରୂପ 'ମୋଗଲ ତାମସା' ଥିଲା । ଆଜିକି ପଚିଶ ବର୍ଷ ତଳେ 'ମୋଗଲ ତାମସା' ଶୁଣିବା ପାଇଁ ହଜାର ହଜାର ଲୋକ ଏକତ୍ର ହେଉଥିଲେ ଓ ଏହା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିଲା ।

ଯାହାହେଉ, ଆଜି ସେହିଦିନର ଶବ ଅଧ୍ୟାପକ ଶ୍ରୀ କୃଷ୍ଣଚରଣ ବେହେରାଙ୍କ ପ୍ରଯତ୍ନ ଫଳରେ ଶତ ଶତ ସହସ୍ର ସହସ୍ର ପାଠକଙ୍କ ଆଗରେ ପଡ଼ିବ ଓ ସମସ୍ତେ ଉପଲବ୍ଧି କରିବେ ଯେ ସ୍ୱାଭାବିକ କବି ନିଜର ଭାବ ପ୍ରକାଶ ପାଇଁ ଯେ କୌଣସି ଭାଷାର ଆଶ୍ରୟ ଅନାୟାସରେ ନେଇ ପାରେ ।

'ମୋଗଲ ତାମସା'ରେ ଶୁଦ୍ଧ ଫାର୍ସି, ଉର୍ଦ୍ଦୁ ହିନ୍ଦି, ବଙ୍ଗଳା ଓ ଓଡ଼ିଆ କବିତାମାନ ମଧ୍ୟ ଅଛି । ଶୁଦ୍ଧ ଫାର୍ସି କବିତାମାନ ଶୁଦ୍ଧ ଭାବରେ ପୋଥିରେ ଲେଖା ହୋଇଛି କି ନା, କହି ପାରିବି ନାହିଁ । ଉର୍ଦ୍ଦୁ, ହିନ୍ଦି, ବଙ୍ଗଳା ଓ ଓଡ଼ିଆ କବିତାମାନ—ଭାଷା ଦୃଷ୍ଟିରୁ ଏ ମତ ମଧ୍ୟ ପୋଷଣ କରିଯାଇ ପାରେ ଯେ ଏଥି ଭିତରୁ ହୁଏତ ଅନେକ ପ୍ରକ୍ଷିପ୍ତ । କିନ୍ତୁ ଏହା ମନେ ରଖିବାକୁ ହେବ ଯେ ମୋଗଲ ଓ ବଙ୍ଗର ନବାବମାନଙ୍କ ରାଜତ୍ୱ ସମୟରୁ ଓଡ଼ିଶାରେ ଉର୍ଦ୍ଦୁ ଓ ବଙ୍ଗଳା ଭାଷା ପ୍ରବେଶ କଲାଣି, ବିଶେଷତଃ ବାଲେଶ୍ୱର ଓ ବଙ୍ଗଳା ଦେଶ ମଧ୍ୟରେ ସମ୍ପର୍କ ସେହିଦିନୁଁ ଘନିଷ୍ଠ ହେଲାଣି । ପରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀଙ୍କ ଅମଳରେ ବଙ୍ଗଳା ଭାଷାର ପ୍ରଭାବ ବଢ଼ିବା ବେଳେ ବଙ୍ଗଳା କବିତା ଓ ଓଡ଼ିଆ କବିତା ପରେ ପରେ ଯୋଗ କରି ଦିଆ ଯାଇଥିବା ସମ୍ଭବ । ଲୋକ ମୁଖରେ ଯେଉଁ ଗାନ ପ୍ରଚଳିତ, ସେଥିରେ ପରବର୍ତ୍ତୀ କବିମାନେ ନିଜ ନିଜ ରଚନା ଯୋଗକରି ଗୁଳିଥିବା ସ୍ୱାଭାବିକ । ରାମାୟଣ,

Digitized by srujanika@gmail.com

ମହାଭାରତ ପରି ମହାକାବ୍ୟମାନଙ୍କରେ ମଧ୍ୟ ସେହିପରି ଘଟିଛି । କିନ୍ତୁ ଏ ସବୁ ସଂଯୋଗ ଫଳରେ 'ମୋଗଲ ତାମସା'ର ମୌଳିକତ୍ୱ ନଷ୍ଟ ହୋଇ ନାହିଁ । ଯାହା ପଥରେ ଅନ୍ୟ ଅନେକ ଜଳସ୍ରୋତ ଗ୍ରହଣ କରି ମଧ୍ୟ ନଦୀ ଯେପରି ନିଜତ୍ୱ ରକ୍ଷା କରି ଚାଲିଥାଏ— କବି ବଂଶୀବଲ୍ଲଭ ସେହିପରି ଚାଲି ଆସିଛନ୍ତି ପ୍ରାୟ ଦୁଇ ଶହ ବର୍ଷ କାଳ ଜନତାର ଚିତ୍ତ ବିନୋଦନ କରି ଓ ଏକ ଅଧୋଗାମୀ ସଭ୍ୟତାର ବାସ୍ତବ ଚିତ୍ର ଅଙ୍କନ କରି ।

Digitized by srujanika@gmail.com

ସଙ୍ଗୀତ (ଭଦ୍ରକ) ଗ୍ରାମର
ଦନ୍ତନାଗର ଶିବ ମନ୍ଦିର



କୁଆଁସ (ଭଦ୍ରକ) ଗ୍ରାମରେ
ଅଭିନୀତ ମୋଗଲ ତାମସାର
ଦୃଶ୍ୟ (୧୯୬୬)

Digitized by srujanika@gmail.com

ମୁଖବନ୍ଧ

ଉତ୍କଳ ଭାରତୀଙ୍କ କୃପାରୁ 'ମୋଗଲ ତାମସା' ଏବେ ପ୍ରକାଶିତ ହେଲା । ୧୯୪୮ ମସୀହାରେ ଭଦ୍ରକ କଲେଜରେ ଅଧ୍ୟୟନ କରୁଥିଲାବେଳେ ଏଥିପ୍ରତି ମୋର କୌତୂହଳ ଜାଗରୂକ ହୋଇଥିଲା । ପରେ ପରେ ଡକ୍ଟର ମହତାବଙ୍କ 'ଓଡ଼ିଶା ଇତିହାସ' ଗ୍ରନ୍ଥରୁ ଏ ବିଷୟରେ ଆଲୋଚନା ପାଠ କରି ଏହାର ସଂଗ୍ରହ ଓ ସଂକଳନ ଲାଗି ଯତ୍ନବାନ୍ ହେଲି । ଡକ୍ଟର କୃଞ୍ଜବିହାରୀ ଦାଶଙ୍କ ଗବେଷଣା ପ୍ରବନ୍ଧର କ୍ଷୁଦ୍ର ସମୀକ୍ଷାଟି ମଧ୍ୟ ଏ କାର୍ଯ୍ୟରେ ମୋତେ ପ୍ରେରଣା ଯୋଗାଇ ଦେଲା । ୧୯୫୬ରେ ଭଦ୍ରକକୁ କର୍ମକ୍ଷେତ୍ର ରୂପେ ଗ୍ରହଣ କରିବା ପାଇଁ ସିଦ୍ଧାନ୍ତ କଲା ପରେ ତାମସା ସଂଗ୍ରହ ଓ ସଂକଳନ ବିଧିବଦ୍ଧ ଭାବରେ ଆରମ୍ଭ କଲି ।

ପାଣ୍ଡୁଲିପି ସଂଗ୍ରହ

ମୋଗଲ ତାମସା ଅଷ୍ଟାଦଶ ଶତାବ୍ଦୀ ଶେଷ ଭାଗର ରଚନା ବୋଲି ଜଣା ପଡ଼େ । ତେଣୁ ଏହାର ତାଳପତ୍ର ପୋଥି ଏ ଅଞ୍ଚଳରେ ମିଳିବା ସମ୍ଭବ । କିନ୍ତୁ ପାଣ୍ଡୁଲିପି ସଂଗ୍ରହ ପାଇଁ ମୁଁ ଯେଉଁଠିକି ଯାଇଛି, ସେଠାରୁ କାଗଜ ଲେଖା ପାଇଛି । ତାଳପତ୍ର ପୋଥି କେହିଁ ମୋତେ ଯୋଗାଇ ପାରି ନାହାନ୍ତି । ଅବଶ୍ୟ ତାଳପତ୍ର ପୋଥିରୁ କାଗଜରେ ନକଲ କରାଯାଇ ତାମସା ରକ୍ଷିତ ହୋଇଥିବାର ସମ୍ବାଦ ସବୁ ଜାଗାରୁ ମିଳିଛି । ମୁଖ୍ୟତଃ ଭଦ୍ରକସ୍ଥ ସଙ୍ଗତ, ସାହାପୁର, କୁଆଁସ ଓ ଜାନୁଗଞ୍ଜ — ଏହି ଚାରିଟି ଗ୍ରାମରୁ ପାଣ୍ଡୁଲିପି ସଂଗ୍ରହ କରିଛି ଏବଂ ତାମସାରେ ଅଭିନୟ କରୁଥିବା କେତେକ ପ୍ରବୀଣ ପୁରୁଖା ବ୍ୟକ୍ତିଙ୍କଠାରୁ ଲେଖାଗୁଡ଼ିକ ମିଳାଇ ନେଇଛି ।

ସଂଗୃହୀତ ପାଣ୍ଡୁଲିପି ଗୁଡ଼ିକ ଖୁବ୍ ପ୍ରାଚୀନ ବୋଲି ଜଣା ପଡ଼େ ନାହିଁ । କେତେକ ପାଣ୍ଡୁଲିପି ପୁରୁଣା ବାଲିକାଗଜରେ ଲେଖା ହୋଇ ଉପରେ ବାଉଁଶ ପାତିଆ ତପାଛ ସିଲାଇ କରାଯାଇଛି । କିନ୍ତୁ ସାହାପୁର ପାଣ୍ଡୁଲିପିଟି ବ୍ୟତୀତ ଅନ୍ୟ ତିନୋଟିରେ ନକଲ ତାରିଖ ବା ଲେଖିବା ସମୟ ଦିଆଯାଇ ନାହିଁ । ସାହାପୁର ପାଣ୍ଡୁଲିପିଟି ୧୯୧୯ ମସୀହାରେ ନରେନ୍ଦ୍ରନାଥ ହାଜରା ନକଲ କରିଥିଲେ । ନରେନ୍ଦ୍ର ବାବୁ ଭଦ୍ରକସ୍ଥ ଗବସାହି ଅପର ପ୍ରାଇମେରୀ ସ୍କୁଲର ହେଡ଼ପଣ୍ଡିତ ଥିଲେ । ସ୍କୁଲଟି

Digitized by srujanika@gmail.com

ଛାଡ଼ିଦେବା ପରେ ମୟୂରଭଞ୍ଜ ଯାଇ ସେଠାରେ ପୋଷ୍ଟ ପିଅନ ଭାବରେ ଚାକିରି କରିଥିଲେ । ବିଭିନ୍ନ ତାମସାର ନକଲ କରି ପାଣ୍ଡୁଲିପି ଶେଷରେ ସେ ନିମ୍ନୋକ୍ତ ଏକ ବିଜ୍ଞାପନ ଦେଇଛନ୍ତି—

"ଓଁ ଶ୍ରୀବାୟୁ ନମଃ

ବିଜ୍ଞାପନ

ଏହି ଖାତାରେ ଶ୍ରୀ ଶ୍ରୀ ଶ୍ରୀ ମହାଦେବ ଗର୍ଭେଶ୍ୱର ମହାପ୍ରଭୁଙ୍କର ଯୋଗୀ ତାମାସା, ଫକିର ତାମାସା, ଚଢ଼େଇ ତାମାସା, ଭେଲ୍ ତାମାସା, ମୋଗଲ ତାମାସା ଓ ରାଧାକୃଷ୍ଣ ତାମାସା ଅତି ପୁରୁଣା ତାଳପତ୍ର ପୋଥିରେ ଯାହା ଲେଖାଥିଲି, ତାହା ଆମ୍ଭେ ବହୁ ପରିଶ୍ରମ ସହକାରେ ବାହାର କରି ଏଥିରେ ତାହାକୁ ଅବିକଳ ନକଲ କରିଅଛୁଁ । ଏତଦ୍‌ଭିନ୍ନ ଉପରୋକ୍ତ ତାମାସାମାନଙ୍କ ମଧ୍ୟରୁ ଯେଉଁ ତାମାସା ଏହି ମହାଦେବଙ୍କ ନିକଟରେ ପ୍ରତିବର୍ଷ ହେଉଅଛି, ତାହା ବହୁ କଷ୍ଟରେ ଉକ୍ତ ତାମାସା ଖେଳିବା ଲୋକଙ୍କ ନିକଟରୁ ଆଣି ନିମ୍ନାନୁସାରେ ଏହି ଖାତାରେ ଯାହାକି ସେମାନେ ଆମ୍ଭଙ୍କୁ ଦେଲେ, ତାହା ଏଥିରେ ଲେଖିଅଛୁଁ । ଏହି ତାମାସାଗୁଡ଼ିକ ଅନ୍ୟାନ୍ୟ ଲୋକଙ୍କ ନିକଟରେ ଥିବାରୁ ପ୍ରତ୍ୟେକ ତାମାସା ଖେଳିବା ଲୋକଙ୍କୁ ବିଶେଷ କଷ୍ଟ ହେଉଥିଲା ଏବଂ ତାହା ସେମାନେ ନ ଦେଇ କେତେକ ନିନ୍ଦା ଶୁଣିବା ଉଦ୍ଦେଶ୍ୟରେ ଗୁପ୍ତ କରୁଥିଲେ ଓ କେତେକ ମଧ୍ୟ ତାମାସା ଖେଳୁ ଖେଳୁ ପ୍ରାଣତ୍ୟାଗ କରୁଥିବାରୁ ସେଗୁଡ଼ିକ କ୍ରମେ ଲୁପ୍ତ ହେଉଥିବାର ଜାଣି ଆମ୍ଭେ ତାହାକୁ ପ୍ରତ୍ୟେକ ଶିକ୍ଷାକାରୀ ନିକଟକୁ ଯାଇ ବହୁ ନିନ୍ଦା ଅପମାନ ସହି ଏଥିରେ ଏକତ୍ର ସନ୍ନିବେଶିତ କଲୁଁ । ଏଣିକି ପ୍ରତ୍ୟେକ ଶିକ୍ଷାର୍ଥୀର ଅଭାବ ହେଲେ, ସେ ଆମ୍ଭଠାରୁ କିମ୍ବା ଆମ୍ଭର ଉତ୍ତରାଧିକାରୀଙ୍କ ନିକଟରୁ ଉକ୍ତ ବିଷୟ ଗୁଡ଼ିକ ପୂରଣ କରି ନେଇପାରିବେ । ଏହି ଖାତାଟିକୁ ଆଉ ଦାବୀ କରିବେ ନାହିଁ । କାରଣ ଏଥିର ପ୍ରତ୍ୟେକ କାର୍ଯ୍ୟ ଓ ପଦାର୍ଥ ଆମ୍ଭର ସ୍ୱ ବ୍ୟୟରେ ହୋଇଅଛି । ଯଦ୍ୟପି କେହି ଲୋଭାସକ୍ତ ହୋଇ ଏହି ଖାତାକୁ ଅପହରଣ କରିବାକୁ ଚେଷ୍ଟା କରିବ କିମ୍ବା ନେଇପିବ, ତାହାହେଲେ ଆମ୍ଭର ମାନସିକ ଅଭିଶାପ ସେ ଗ୍ରହଣ କରିବ, ଏହା ଆମ୍ଭର ଧ୍ରୁବ ବିଶ୍ୱାସ । ଅଧିକ କି ? ଇତି ।

ନିବେଦକ

ତା ୧-୯-୧୯୧୯ ମସିହା }
ମୁ: ସାହାପୁର—ଭଦ୍ରକ }

ଶ୍ରୀ ନଗେନ୍ଦ୍ର ନାଥ ହାଜରା
ଜନୈକ ତାମାସାପ୍ରିୟ"

Digitized by srujanika@gmail.com

ସନ୍ଧିଆ (ମାଳକଣ୍ଠପୁର) ଗ୍ରାମରେ କବି ବଂଶୀବଲ୍ଲଭଙ୍କର ଜୀବନ-ଚରିତ ସହିତ ତାମସାର କେତେକ ତାଳପତ୍ର ପୋଥି ରହିଥିଲା । କିନ୍ତୁ ୨।୩ ବର୍ଷ ତଳେ ଘରପୋଡ଼ିରେ ତାହା ସବୁ ନଷ୍ଟ ହୋଇଯାଇଛି । ସୌଭାଗ୍ୟବଶତଃ ସେହି ପୋଥିରୁ ବାବାଜୀ ଶ୍ରୀ ଗଦାଧର ଦାସ ଓ ଓକିଲ ଶ୍ରୀ ମାଳାଦ୍ରି ଦତ୍ତଙ୍କ ପ୍ରଚେଷ୍ଟାରେ କବି ବଂଶୀବଲ୍ଲଭଙ୍କ ଜୀବନୀ ଓ ଅଳ୍ପ କେତେକ ତାମସା ନକଲ କରା ଯାଇଥିଲା । ନୋହିଲେ କବିଙ୍କ ବିଷୟରେ କିଛି ଜାଣିବା କଷ୍ଟକର ହୋଇଥାଆନ୍ତା । ସେଥିପାଇଁ ଏ ଦୁହେଁଯାକ ଧନ୍ୟବାଦର ପାତ୍ର । ତାହା ବ୍ୟତୀତ ପାଣ୍ଡୁଲିପି ସଂଗ୍ରହ କାର୍ଯ୍ୟରେ ଶ୍ରୀ ହାଡ଼ିବନ୍ଧୁ ସିଂହ, ଶ୍ରୀ ମାଧବାନନ୍ଦ ମହାନ୍ତି, ଶ୍ରୀ ବିଷ୍ଣୁଚରଣ ଦାସ, ଶ୍ରୀ ହରି ମହାନ୍ତି, ଶ୍ରୀ ଶ୍ରୀନାଥ ରାଉଳ ପ୍ରଭୃତି ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ମୋତେ ସହାୟତା କରିଥିବାରୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

ଲୋକ ପ୍ରଚଳିତ ସଂସ୍କାର ବା ଅନ୍ଧବିଶ୍ୱାସ ତାମସାର ପାଣ୍ଡୁଲିପି ସଂଗ୍ରହରେ ପ୍ରଧାନ ପ୍ରତିବନ୍ଧକ । ଓସ୍ତାଦ୍, ଅଭିନେତାଦି ଅଳ୍ପ କେତେଜଣଙ୍କ ବ୍ୟତୀତ ତାମସା ଆଉ କାହାରିକୁ ହସ୍ତାନ୍ତର କରାଯିବ ନାହିଁ । ଯେ ହସ୍ତାନ୍ତର କରି ଦେବ, ତାକୁ କୁଷ୍ଠବ୍ୟାଧି ହେବ କିମ୍ବା ତାହାର ବଂଶ ଲୋପ ହୋଇଯିବ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ପ୍ରଥମେ ପ୍ରଥମେ ମୋତେ ପାଣ୍ଡୁଲିପି ଦେବାପାଇଁ ସମସ୍ତେ କୁଣ୍ଠା ପ୍ରକାଶ କରୁଥିଲେ । କିନ୍ତୁ ତାମସା ମୁଦ୍ରାକାରରେ ପ୍ରକାଶିତ ହୋଇଗଲେ, ଆଉ ବୁଡ଼ିଯିବ ନାହିଁ—ଚିରସ୍ଥାୟୀ ହୋଇ ରହିଯିବ, ଇତ୍ୟାଦି ବୁଝାଇଦେଲା ପରେ କେତେକ ପାଣ୍ଡୁଲିପି ପାଇବା ସମ୍ଭବପର ହେଲା ।

ମିଳିଥିବା ପାଣ୍ଡୁଲିପିଗୁଡ଼ିକ ମଧ୍ୟରେ କେତେକ ପାଠଗତ ପାର୍ଥକ୍ୟ ଓ ପ୍ରକ୍ଷିପ୍ତ ରଚନା ପରିଲକ୍ଷିତ ହୁଏ । ତେଣୁ ପ୍ରତିଟିଯାକ ପାଣ୍ଡୁଲିପିକୁ କ, ଖ, ଗ, ଘ ରୂପେ ସଂଖ୍ୟାୟିତ କରି ଗ୍ରନ୍ଥରେ ଭିନ୍ନ ଭିନ୍ନ ପାଠ ସୂଚାଇ ଦେବା ଉଚିତ ଥିଲା । କିନ୍ତୁ ତାହା କରା ଯାଇନାହିଁ । କାରଣ ପାଣ୍ଡୁଲିପିଗୁଡ଼ିକ ବିଶେଷ ପ୍ରାଚୀନ ନୁହେଁ, ତନ୍ମଧ୍ୟରୁ କେଉଁଟା ଅସଲ ଓ କେଉଁଟା ନକଲ ତାହା ଜାଣିବା କଷ୍ଟକର । ପୁଣି କେତେକ ପାଣ୍ଡୁଲିପିରେ କବି ବଂଶୀବଲ୍ଲଭଙ୍କ ନାମରେ ଭଣିତା ନାହିଁ, ଆଉ କେତେକରେ ବଂଶୀବଲ୍ଲଭଙ୍କ ସହିତ ଅନ୍ୟାନ୍ୟ ବ୍ୟକ୍ତିଙ୍କର ନାମ-ଭଣିତା ରହିଛି । ସେଥିପାଇଁ ପ୍ରମୁଖ ଅଭିନେତାମାନଙ୍କ ସାହାଯ୍ୟରେ ପାଣ୍ଡୁଲିପିଗୁଡ଼ିକ ମିଳାଇ ଏ ଗ୍ରନ୍ଥରେ 'ମୋଗଲ ତାମସା'ର ଏକ ସର୍ବସମ୍ମତ ପାଠ ଗ୍ରହଣ କରା ଯାଇଛି ।

Digitized by srujanika@gmail.com

କବି ବଂଶୀବଲ୍ଲଭ

କବି ବଂଶୀବଲ୍ଲଭଙ୍କର ପରିଚୟ ଦେବା ପୂର୍ବରୁ ଯେଉଁ ଭଦ୍ରକ ଭୂମିରେ ସେ ସାହିତ୍ୟ ସାଧନା କରିଥିଲେ, ତାହାର ଏକ ସଂକ୍ଷିପ୍ତ ଇତିହାସ ଏଠାରେ ଦେବା ଅପ୍ରାସଙ୍ଗିକ ହେବ ନାହିଁ । ସ୍ଥାନୀୟ ଠାକୁରାଣୀ ଭଦ୍ରକାଳୀଙ୍କ ନାମରୁ 'ଭଦ୍ରକ' କଥାର ଉତ୍ପତ୍ତି । ଭଦ୍ରକାଳୀ ପ୍ରାଚୀନ ପୌରାଣିକ ଦେବୀ । ମହାଭାରତ, ପଦ୍ମପୁରାଣ, ମାର୍କଣ୍ଡେୟ ପୁରାଣ ପ୍ରଭୃତିରେ ଏହାଙ୍କର ବର୍ଣ୍ଣନା କରାଯାଇଛି । କାଳୀ ସାଧାରଣତଃ କରାଳ-ବଦନା, ଉଲଗ୍ନା, ନୃମୁଣ୍ଡମାଳିନୀ ଓ ଭୀତିପ୍ରଦା । ତାଙ୍କର ଭଦ୍ର ବା ମଙ୍ଗଳମୟ ରୂପ ହିଁ 'ଭଦ୍ରକାଳୀ' ମଧ୍ୟରେ ପରିକଳ୍ପିତ । * ଏହି ଭଦ୍ରକାଳୀ ଏଠାରେ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି, ତାହା ସ୍ଥିର କରିବା କଠିନ । କିମ୍ବଦନ୍ତୀ ଅନୁଯାୟୀ (ଏହି କିମ୍ବଦନ୍ତୀ କବି ରାଜବଲ୍ଲଭ ମହାନ୍ତିଙ୍କ ଦ୍ୱାରା ରଚିତ 'ଶ୍ରୀ ଶ୍ରୀ ଭଦ୍ରକାଳୀ ଜଣାଣ' (୧୯୩୦) ତଥା ସ୍ୱର୍ଗୀୟ ଭଗୀରଥି ମହାପାତ୍ରଙ୍କର 'ରତ୍ନକୋଷ' (୧୯୩୫) ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି)— ଏ ଅଞ୍ଚଳ ଯେତେବେଳେ ବଣ ଜଙ୍ଗଲରେ ପୂର୍ଣ୍ଣ ଥିଲା, ସେତେବେଳେ ଭଦ୍ରନାଥ ନାମକ ଜଣେ ଯୋଗୀ ଆପଣାର 'ଭଦ୍ରା' ନାମ୍ନୀ କନ୍ୟା ସହିତ ଭଦ୍ରକାଳୀଙ୍କୁ ପୂଜାରାଧନା କରୁଥିଲେ । ଚୌହାନ କ୍ଷତ୍ରିୟ ବଂଶଜ ଜଣେ (ମତାନ୍ତରେ ଦୁଇଜଣ) ସେନାପତି ପୁରୀ ଶ୍ରୀକ୍ଷେତ୍ର ଯାତ୍ରା କାଳରେ ଏଠାରେ ରହି ଯୋଗୀକନ୍ୟା ଭଦ୍ରାଙ୍କୁ ବିବାହ କରିଥିଲେ । ଭଦ୍ରକାଳୀଙ୍କୁ ପୂଜା ଦ୍ୱାରା ସନ୍ତୁଷ୍ଟ କରି ସେ ଏ ଅଞ୍ଚଳର ଅଧିକାରୀ ହେଲେ । ଭଦ୍ରକର ପ୍ରାଚୀନ ଅଧିପତି ଭୂୟାଁ ବଂଶର ଆଦି ପୁରୁଷ ହେଉଛନ୍ତି ଏହି ସେନାପତି । ଭଦ୍ରକ ସହରସ୍ଥ ଭୂୟାଁ ମହଲରେ ପ୍ରଥମେ ଭୂୟାଁ ବଂଶର ଉଆସ ଥିଲା, ପରେ ଏମାନେ କୁବେର (ତାଳପଦା)ରେ ଯାଇ ଉଆସ କରି ରହିଛନ୍ତି । ପଣ୍ଡିତ ଗୋବିନ୍ଦ ରଥ (୧୮୫୮—୧୯୧୮) ପ୍ରାୟ ଷାଠିଏ ବର୍ଷ ତଳେ ଓଡ଼ିଶାର ବିଭିନ୍ନ ଦେବଦେବୀଙ୍କ ବର୍ଣ୍ଣନା ପ୍ରସଙ୍ଗରେ ଭଦ୍ରକାଳୀଙ୍କ ବିଷୟରେ ଲେଖିଛନ୍ତି :—

ଆଗୋ ମାତ ଭଦ୍ରକାଳି, କରେଁ ତବ ନିତ୍ୟସ୍ତୁତି
ଶାଳନ୍ଦୀ ସୁଶୀତଳଜଳେ ଅବଗାହି ପ୍ରାତଃକାଳେ ତୋ ॥

---

* ଏ ସମ୍ପର୍କରେ ଅଧ୍ୟାପକ ଶ୍ରୀ ଗୋପୀନାଥ ମିଶ୍ରଙ୍କର ପ୍ରବନ୍ଧ 'ଦେବୀ ଭଦ୍ରକାଳୀ' ଦ୍ରଷ୍ଟବ୍ୟ—'ପ୍ରଜାତନ୍ତ୍ର' ପୂଜା ବିଶେଷାଙ୍କ, ୧୯୦୯ ।

Digitized by srujanika@gmail.com

ଚନ୍ଦନ କର୍ପୂର ଗୋଳା   ଅଙ୍ଗେ ଥାଏ ସଦା ବୋଳା
ଗୋଳା ସିନ୍ଦୂରର ଟୋପା   ପଡ଼େ ଅଙ୍ଗେ ଥୋପା ଥୋପା ଗୋ ॥
ମସ୍ତକରେ ଫୁଲଗଭା   ବାଳଭୋଗ ପକ୍ୱ ରମ୍ଭା
ବଙ୍ଗ ଶାସନୀ ବ୍ରାହ୍ମଣ   ସେବନ୍ତି ତବ ଚରଣ ଗୋ ॥
ବିନୟେ କରେଁ ଜଣାଣ   ରକ୍ଷା କର ମୋର ପ୍ରାଣ
ମୋ କାର୍ଯ୍ୟ କର ଫିକର   କରିବି ଖେଚଡ଼ି କ୍ଷୀର ଗୋ ॥ †

ଏହି ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ବ୍ୟତୀତ 'ଭଦ୍ରୀକ' ଶବ୍ଦରୁ ମଧ୍ୟ ଭଦ୍ରକ କଥାର ଉତ୍ପତ୍ତି ହୋଇଥିବାର ନିରୂପଣ କରାଯାଇ ପାରେ । ଭଦ୍ରୀକ ଶବ୍ଦର ଅର୍ଥ — ଭଦ୍ରବ୍ୟକ୍ତିଙ୍କର ବାସସ୍ଥାନ । ବାସ୍ତବିକ, ପ୍ରାଚୀନ କାଳରୁ ଭଦ୍ରକ ଏକ ପ୍ରସିଦ୍ଧ ସ୍ଥାନ ଥିବାରୁ ଏଠାରେ ଭଦ୍ର ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତିମାନେ ବାସ କରୁଥିବା ସମ୍ଭବ । ଭଦ୍ରକ ମଧ୍ୟ ଦେଇ ଉତ୍ତର ଆଡ଼ୁ ପୁରୀ ଶ୍ରୀକ୍ଷେତ୍ରକୁ ବହୁ ପ୍ରାଚୀନ କାଳରୁ ଯାତାୟାତ ପଥ ରହିଥିଲା । ତୀର୍ଥ ଯାତ୍ରୀମାନଙ୍କର ବିଶ୍ରାମ ଓ ଖାଦ୍ୟପେୟ ବ୍ୟବସ୍ଥା କରିବା ଲାଗି ତଥା ଧର୍ମଚର୍ଚ୍ଚା ଉଦ୍ଦେଶ୍ୟରେ ପ୍ରାୟ ସପ୍ତଦଶ ଶତାବ୍ଦୀରେ ଏଠାରେ ଏକ ସଦାବ୍ରତ ମଠ ସ୍ଥାପିତ ହୋଇଥିଲା । * ତାହା ଅଦ୍ୟାପି ବିଦ୍ୟମାନ ରହିଛି । ଅଗଣିତ ସାଧୁ ସନ୍ନ୍ୟାସୀ, ଦାର୍ଶନିକ, ପଣ୍ଡିତ ଓ ଭକ୍ତମାନଙ୍କ ପଦରଜରେ ଭଦ୍ରକ ଭୂମି ପବିତ୍ର ହୋଇଛି । ପ୍ରାୟ ୧୫୧୪ ମସୀହାରେ ମହାପ୍ରଭୁ ଶ୍ରୀ ଚୈତନ୍ୟ ଏଠାରେ ପଦାର୍ପଣ କରିଥିଲେ । ଶ୍ରୀ ଚୈତନ୍ୟ କୁଆଁସ ଗ୍ରାମରେ ଯେଉଁ ବଟବୃକ୍ଷ ମୂଳରେ ବିଶ୍ରାମ କରିଥିଲେ, ତାହା ଅଦ୍ୟାପି 'ବଂଶୀବଟ' ନାମରେ ଭକ୍ତମାନଙ୍କ ଦ୍ୱାରା ସମ୍ମାନିତ (କେତେ ବର୍ଷ ତଳେ ବଟବୃକ୍ଷ ନଷ୍ଟ ହୋଇ ଯାଇଛି—ସେହି ସ୍ଥାନରେ ମହାପ୍ରଭୁଙ୍କ ପାଦ ପ୍ରତୀକ ପୂଜିତ ହେଉଛି) । ସନ୍ଥିଆ ଗ୍ରାମରେ ମହାପ୍ରଭୁ ନିଜ କନ୍ଥା ଛାଡ଼ି ଯାଇ-ଥିବାର ଜନଶ୍ରୁତି ରହିଛି । ସେହି କନ୍ଥା ଶ୍ରୀ ମଦନମୋହନଙ୍କ ମନ୍ଦିରରେ ଆଜଯାଏ ସଂରକ୍ଷିତ ହୋଇଛି । ଷୋଡ଼ଶ ଶତାବ୍ଦୀ ଶେଷ ଭାଗରୁ ଆଫଗାନ, ମୋଗଲ ଓ ମରହଟ୍ଟା ରାଜତ୍ୱ କାଳରେ ଭଦ୍ରକ ଏକ ସ୍ୱତନ୍ତ୍ର ସରକାର ବା ଆଧୁନିକ ଜିଲ୍ଲା ହିସାବରେ ପରିଗଣିତ ହୋଇଥିଲା । ସପ୍ତଦଶ ଶତାବ୍ଦୀରେ ଶାସନ କାର୍ଯ୍ୟ ଉପଲକ୍ଷେ ବହୁ ମୁସଲମାନ ଏହି ଅଞ୍ଚଳକୁ ଆସିଥିଲେ । ଔରଙ୍ଗଜେବଙ୍କ ଶାସନକାଳରେ (୧୬୫୮ —

† କଟତାଳ—ଏଡ୍‌ୱାର୍ଡ଼୍ ପ୍ରେସ୍, କଟକ (୧୯୦୯)

* ମହନ୍ତ ଦାମୋଦର ରାମାନୁଜ ଦାସ—ଶ୍ରୀ ଭଗୀରଥି ମହାପାତ୍ର ଓ ଶ୍ରୀ ଉଦୟ ନାରାୟଣ ମହାନ୍ତି, ଗୋପୀନାଥ ପ୍ରେସ, ଭଦ୍ରକ (୧୯୬୯)—ପୃଷ୍ଠା ୫

Digitized by srujanika@gmail.com

୧୭୦୭) ଓଡ଼ିଶାର ସୁବେଦାର ବା ସେହିପରି ଜଣେ ଶାସନ ବିଭାଗୀୟ କ୍ଷମତାଶାଳୀ ବ୍ୟକ୍ତି ଭଦ୍ରକ ଆସିଥିବାର ଜଣା ପଡ଼େ । ତାଙ୍କ ସଙ୍ଗରେ ଆସିଥିବା ବିଭିନ୍ନ ଶ୍ରେଣୀର ଲୋକମାନେ ଯେଉଁ ଚଉଦଗୋଟି ସ୍ଥାନରେ କ୍ୟାଂପ୍ ପକାଇ ରହିଥିଲେ, ସେଗୁଡ଼ିକ ଏବେ ପୁରୁଣାବଜାରରେ 'ଚଉଦ ମହଲ' ନାମରେ କଥିତ ହୁଏ । ବହୁ ଦିନରୁ ଓଡ଼ିଶା ସହିତ ବଙ୍ଗ ଦେଶର ଘନିଷ୍ଠ ସଂପର୍କ ରହିଥିବା ହେତୁ ଏଠାରେ କେତେକ ବଙ୍ଗାଳୀ ପରିବାର ମଧ୍ୟ ପିତ୍ରୁପୁରୁଷାନୁକ୍ରମେ ବସବାସ କରି ରହି ଯାଇଛନ୍ତି ।

ଅତୀତରେ ଭଦ୍ରକ ଏକ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ଥିଲା । କଥିତ ହୁଏ ଯେ— ପୂର୍ବେ ଅସୁରି ପୋଖରୀ ନିକଟରେ ଏକ କ୍ଷୁଦ୍ର ପୋତାଶ୍ରୟ ଥିଲା । ସେଠାରୁ ବାଣିଜ୍ୟ ପୋତଗୁଡ଼ିକ କେନାଲ୍‌ରେ ଯାଇ ପାଳଆର ବଟେଶ୍ୱନାଥପୁଣ ମନ୍ଦିର ବାଟ ଦେଇ ମିଶେଇ ନଦୀରେ ପହଞ୍ଚୁଥିଲା । ଧାମରା, ଶୁନ୍ଦବାଲି ଓ ଚୂଡ଼ାମଣି ସେତେବେଳେ ଭଦ୍ରକ ଅଞ୍ଚଳର ପ୍ରଧାନ ବନ୍ଦର ଥିଲା । ୧୭୬୬ ମସିହାରେ ଟମାସ୍ ମଟ୍ ନାମକ ଜଣେ ଇଂରେଜ ବଣିକ କଲିକତାରୁ ଭଦ୍ରକ ବାଟ ଦେଇ ସମ୍ବଲପୁର ଯାଇଥିଲେ । ନିଜ ଭ୍ରମଣ ବୃତ୍ତାନ୍ତରେ ସେ ଲେଖିଛନ୍ତି ଯେ - ଭଦ୍ରକର ତନ୍ତୀମାନେ ସୂକ୍ଷ୍ମ ମସଲିନ୍ ବୁଣିବାରେ ନିପୁଣ । ଶେର, ଡକାୟତଙ୍କ ନିମିତ୍ତ ଭଦ୍ରକ ସେତେବେଳେ ପ୍ରସିଦ୍ଧ ଥିଲା । ବାହୁଡ଼ା ପଥରେ ନିଜେ ମଟ୍ ସାହେବ ଏଠାରେ ଜଣେ ବିଖ୍ୟାତ ଶେର ହାବୁଡ଼ରେ ପଡ଼ିଥିଲେ ଏବଂ ତାଙ୍କର ସିପାହୀ ଶେରଟାକୁ ଗୁଳି କରି ମାରି ଦେଇଥିଲା । * ତୀର୍ଥଯାତ୍ରୀମାନେ ଅଧିକାଂଶ ସମୟରେ ଭଦ୍ରକୀ ଶେରଙ୍କ ହାବୁଡ଼ରେ ପଡ଼ି ସର୍ବସ୍ୱ ହରାଉଥିଲେ । ଏହି ଶେରମାନେ ଏପରି ଦୁର୍ଦ୍ଦାନ୍ତ ଥିଲେ ଯେ, ଥରେ କର୍ଣ୍ଣେଲ ଏଲ୍ ପିୟୁର୍ସ୍‌ଙ୍କ ଅଧୀନରେ ଦଳେ ଇଂରେଜ ସୈନ୍ୟ ମାନ୍ଦ୍ରାଜକୁ ଯାଉଥିଲାବେଳେ ଦଳର ପେଡ଼ିପୁଟୁଳା ସେମାନେ ଲୁଟି ନେଇ ଯାଇଥିଲେ । † ମୁସଲମାନ ଓ ମରହଟ୍ଟା ଶାସନ କାଳରେ ପୁରୁଣାବଜାର ବାଙ୍କା ନିକଟରେ କଚେରି ଇତ୍ୟାଦି ରହିଥିଲା । ୧୮୧୩ ମସିହାରେ ଇଂରେଜମାନେ ପୁରୁଣାବଜାରରୁ କଚେରି ଉଠାଇ ଆଣି ସାଳନ୍ଦୀ ନଦୀର ଅପର ପାର୍ଶ୍ୱରେ ସ୍ଥାପନ କଲେ । ଫଳରେ ବର୍ତ୍ତମାନର ନୂଆବଜାର, କଚେରି ବଜାରର ସୃଷ୍ଟି ହେଲା । ୧୮୨୬ ମସିହା ବେଳକୁ ସେହି ନୂଆବଜାର ମଧ୍ୟ ଦେଇ ମିଲିଟାରି ଇଞ୍ଜିନିୟର୍‌ମାନଙ୍କ ଦ୍ୱାରା ଓଡ଼ିଶା ଟ୍ରଙ୍କ୍ ରୋଡ଼୍ ପ୍ରସ୍ତୁତ କରାଗଲେ ।

* ସମ୍ବଲପୁର ଯାତ୍ରା—ଅନୁବାଦକ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ (୧୯୫୦)—ପୃଷ୍ଠା ୧୭ ଓ ୮୫

† Orissa under Marathas—Dr. B. C. Ray, Kitab Mahal, Allahabad (1960)—Page 158

Digitized by srujanika@gmail.com

ଇଂରେଜ ଅମଳରେ ଭଦ୍ରକର ଆର୍ଥିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନ ଥିଲା । ବନ୍ୟା ଓ ମରୁଡ଼ି ଫଳରେ ଲୋକେ ବାରମ୍ବାର ଦୁର୍ଭିକ୍ଷରେ ପ୍ରପୀଡ଼ିତ ହେଉଥିଲେ । ୧୮୬୬-୬୭ ମସିହାର ନଅଙ୍କ ଦୁର୍ଭିକ୍ଷରେ ଭଦ୍ରକର ଜନଜୀବନ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାର ପ୍ରମାଣ ମିଳେ । ସେତେବେଳେ ମିଷ୍ଟର୍ ସର୍ଟ୍ ନାମକ ଜଣେ ଇଂରେଜ ସାହେବ ଭଦ୍ରକର ଆସିଷ୍ଟାଣ୍ଟ କଲେକ୍ଟର ଥିଲେ । ଏ ଅଞ୍ଚଳର ଦୁର୍ଭିକ୍ଷ ସଂପର୍କରେ ତାଙ୍କର କୌଣସି ଅଭିଜ୍ଞତା ନ ଥିଲା । ତେଣୁ ସରକାରୀ ଅସାବଧାନତା ହେତୁ ସମଗ୍ର ଓଡ଼ିଶା ମଧ୍ୟରେ ବାଲେଶ୍ୱର ଓ ଭଦ୍ରକ ଏହି ଦୁର୍ଭିକ୍ଷରେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । * ସେତେବେଳେ ଜଗନ୍ନାଥପୁରସ୍ଥ 'ମିଆଁ ବଗିଚା' (ସୁବିଖ୍ୟାତ ପଞ୍ଚୁ ମିଆଁଙ୍କ ନାମାନୁସାରେ) ନିକଟରେ ଏକ ବିରାଟ ଅନ୍ନଛତ୍ର ଓ ଚାଉଳ ବଣ୍ଟା କେନ୍ଦ୍ର ଫିଟା ଯାଇଥିଲା । ତେଣୁ ସ୍ଥାନଟି କାଳକ୍ରମେ 'କାଙ୍ଗାଳିପଡ଼ା' ନାମରେ ଖ୍ୟାତ ହେଲା । ସେହି କାଙ୍ଗାଳିପଡ଼ାର ମିଆଁ ବଗିଚା ମଧ୍ୟରେ ହିଁ ବର୍ତ୍ତମାନ ଭଦ୍ରକ କଲେଜ ସଗର୍ବେ ଦଣ୍ଡାୟମାନ । ନଅଙ୍କ ପରେ ଭଦ୍ରକର ଆର୍ଥିକ ଅବସ୍ଥା ଧୀରେ ଧୀରେ ବଦଳିଥିଲା । ବାଲେଶ୍ୱର ଜିଲ୍ଲା ଗେଜେଟିୟର୍‌ର ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ—୧୮୯୩ ମସିହାରେ ଭଦ୍ରକରେ ଟଙ୍କାକୁ ଅଠର ସେର ଚାଉଳ ଓ ନଅ ସେର ଲୁଣ ମିଳୁଥିଲା । ସେତେବେଳେ ସାଧାରଣ ଦୈନିକ ମଜୁରି ଥିଲା ତିନି ଅଣା ମାତ୍ର ।

ଶିକ୍ଷାଦୀକ୍ଷା କ୍ଷେତ୍ରରେ ମଧ୍ୟ ଭଦ୍ରକ ପଛରେ ପଡ଼ି ନ ଥିଲା । ସେତେବେଳେ କେତେକ ସଂସ୍କୃତ ଟୋଲ୍ ଏବଂ ମାଦ୍ରାସା ଏଠାରେ ସଂସ୍କୃତ ତଥା ଫାର୍ସୀ ଭାଷା-ସାହିତ୍ୟ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା । ଇଂରେଜ ଅମଳ ପୂର୍ବରୁ ଏ ଅଞ୍ଚଳର ଶିକ୍ଷାଦୀକ୍ଷା ବେସରକାରୀ ପରିଚାଳନା ଅଧୀନରେ ରହିଥିଲା । † ଇଂରେଜ ଅମଳରେ ପୂର୍ବର ଗୃହାଳି ବା ପାଠଶାଳାଗୁଡ଼ିକୁ ନିମ୍ନପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଗଲା ଏବଂ ସେଗୁଡ଼ିକୁ କିଛି କିଛି ସରକାରୀ ସାହାଯ୍ୟ ଦିଆଗଲା । କିନ୍ତୁ ସେତେବେଳେ ମଧ୍ୟ ଭଦ୍ରକରେ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଭର୍ଣ୍ଣାକ୍ୟୁଲାର ସ୍କୁଲ ସଂଖ୍ୟା ଯଥେଷ୍ଟ ଊଣା ଥିଲା । ବାଗୁରାଇରେ ମାଧ୍ୟମିକ

---

* Bengal under Lieutenant Goveners Vol. I by C. E. Buckland, I. C. S.—S. K, Lahiri & Co. Calcutta (1901)—Page 350

† ଏ ସଂପର୍କରେ 'ଭଦ୍ରକ ଲେଖକ ସମ୍ମେଳନ' (୧୯୬୩) ସ୍ମରଣିକାରୁ ଶ୍ରୀ ଗୋକୁଳାନନ୍ଦ ନାୟକଙ୍କର 'ଭଦ୍ରକରେ ଶିକ୍ଷାର ଅଗ୍ରଗତି' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ଭଣ୍ଡାକୁଲର ସ୍କୁଲ ସେତେବେଳେ ବିଶେଷ ଖ୍ୟାତି ଲାଭ କରିଥିଲା । ଗତ ଶତାବ୍ଦୀର ଶେଷ ଭାଗ ଆଡ଼କୁ ଭଦ୍ରକରେ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ବର୍ତ୍ତମାନର ଭଦ୍ରକ ହାଇସ୍କୁଲର ପ୍ରତିଷ୍ଠା କାଳ—୧୮୮୨ ମସିହା । ୧୯୦୧ ମସିହାର ଜନ ଗଣନା ରିପୋର୍ଟରୁ ଜଣାପଡ଼େ ଯେ ସେତେବେଳେ ଭଦ୍ରକ ଥାନାର ଲୋକସଂଖ୍ୟା ଥିଲା - ୧୯୩,୪୧୦ (ଭଦ୍ରକ ସହରର ଲୋକସଂଖ୍ୟା—୧୮,୫୧୮), ତନ୍ମଧ୍ୟରୁ ହିନ୍ଦୁ ସଂଖ୍ୟା ୧୮୩,୭୮ ଏବଂ ମୁସଲମାନ ସଂଖ୍ୟା ୯୫୨୪ । ସମଗ୍ର ଥାନାରେ ସାକ୍ଷର ସଂଖ୍ୟା ଥିଲା—୧୭,୯୪୮ ଅର୍ଥାତ ଶତକଡ଼ା ପ୍ରାୟ ଦଶଜଣ ସେତେବେଳେ ଲେଖି-ପଢ଼ି ପାରୁଥିଲେ ।

ଭଦ୍ରକର ଏହି ସାମାଜିକ ଓ ସାଂସ୍କୃତିକ ପରିବେଶରେ କବି ବଂଶୀବଲ୍ଲଭ ଗୋସ୍ୱାମୀ ଅଷ୍ଟାଦଶ ଶତାବ୍ଦୀରେ ସଙ୍ଗଠ ଗ୍ରାମର ଏକ ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପୂର୍ବରୁ ଉଲ୍ଲେଖ କରି ଯାଇଥିବା ସନ୍ଥିଆ (ନୀଳକଣ୍ଠପୁର) ଗ୍ରାମର ତାଳପତ୍ର ପୋଥିରୁ ଜଣାପଡ଼େ—କବିଙ୍କର ଆବିର୍ଭାବ କାଳ ୧୧୩୫ ସାଲ ଅର୍ଥାତ ୧୭୨୮ ମସିହା; କିନ୍ତୁ ତିରୋଭାବ କାଳ ପୋଥିରେ ଉଲ୍ଲେଖ କରାଯାଇନାହିଁ । ଏହି କାଳକୁ ଅବିଶ୍ୱାସ କରିବାର ଅଥବା ମିଥ୍ୟା ମନେ କରିବାର କୌଣସି କାରଣ ନାହିଁ ବରଂ ଅନ୍ୟାନ୍ୟ ପ୍ରମାଣ ବଳରେ ଏହାର ସାରବତ୍ତା ଉପଲବ୍ଧ ହୁଏ । ପ୍ରଥମତଃ—କବିଙ୍କର ବଂଶ ବର୍ତ୍ତମାନ ବିଲୁପ୍ତ; ପ୍ରାୟ ପଚିଶ ବର୍ଷ ତଳେ ତାଙ୍କର ଶେଷ ବଂଶଧର ଅଣନାତିଙ୍କର ପରଲୋକ ହୋଇ ଯାଇଛି । ଯଦି ଗୋଟିଏ ପୁରୁଷକୁ ହାରାହାରି ପଚିଶ ବର୍ଷ ସମୟ ଧରାଯାଏ, ତା' ହେଲେ ସ୍ୱୟଂ କବି, ତାଙ୍କ ପୁଅ, ନାତି ଓ ଅଣନାତି—ଏହିପରି ଚାରି ପୁରୁଷକୁ ଦୁଇ ଶହ ବର୍ଷ ବୋଲି ଗ୍ରହଣ କରାଯାଇପାରେ । ଦ୍ୱିତୀୟରେ ଓଡ଼ିଶାରେ ମୁସଲମାନ ପ୍ରଭାବ ପ୍ରତିପତ୍ତିର ବିଳୟ କାଳର ଚିହ୍ନ ମୋଗଲ ତାମସା, ଲୋଲନ୍ ମଜାବାଇ ତାମସା; ଚଉଡ଼ା ତାମସା, ଫକିର ତାମସା ପ୍ରଭୃତିରେ ପରିସ୍ଫୁଟ । ପୁଣି ମରହଟ୍ଟା ଅମଳରେ ହିନ୍ଦୁ ଦେବଦେବୀ ପୂଜାର ପ୍ରାଧାନ୍ୟ (ବିଶେଷତଃ ଶିବପୂଜା କାରଣ ମରହଟ୍ଟାମାନେ ଶିବ-ଉପାସକ ଥିଲେ) କବି ବଂଶୀବଲ୍ଲଭଙ୍କୁ ପ୍ରଭାବିତ କରିଛି । ରାଧାକୃଷ୍ଣ ତାମସା ରଚନା, ବିଭିନ୍ନ ତାମସାରେ ଶିବଙ୍କ ଚରିତ୍ର ଓ ଲୀଳାର ସମାବେଶ ଏବଂ ଶିବ ମନ୍ଦିର ସମ୍ମୁଖରେ ତାମସାଗୁଡ଼ିକର ଅଭିନୟ ବିଧି ଏ କଥାର ସାକ୍ଷ୍ୟ ପ୍ରଦାନ କରେ । ମୁସଲମାନ ପ୍ରଭାବ-ପ୍ରତିପତ୍ତିର ଅଧୋଗତି ଓ ମରହଟ୍ଟା ଶକ୍ତିର ଅଭ୍ୟୁଦୟ କାଳ ଇତିହାସ ଅନୁଯାୟୀ—ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ (ଓଡ଼ିଶାରେ ମରହଟ୍ଟା ଶାସନ କାଳ ୧୭୫୧—୧୮୦୩) । ତେଣୁ ଏହି ସମୟରେ କବି ବଂଶୀବଲ୍ଲଭ ତାମସାଗୁଡ଼ିକ ରଚନା କରିଥିବା ଯୁକ୍ତିଯୁକ୍ତ ମନେ ହେଉଛି ।

Digitized by srujanika@gmail.com

ତୃତୀୟତଃ—ତତ୍‌କାଳୀନ ରାଜ କର୍ମଚାରୀଙ୍କ ଦ୍ୱାରା କବି ବଂଶୀବଲ୍ଲଭ ନିଜର ଅପୂର୍ବ କବିତ୍ୱ ଶକ୍ତି ଲାଗି ପୁରସ୍କୃତ ହୋଇ କିଛି ଜମି ଲାଭ କରିଥିଲେ । ସଙ୍ଗତ ଗ୍ରାମ ନିକଟରେ ସେହି ଜମି 'ମୋଗଲ ଡିହି' ବା 'ମୋଗଲ ଚକ' ନାମରେ ଅଦ୍ୟାପି ପରିଚିତ । ପୁଣି ସଙ୍ଗତ, ସନ୍ଥିଆ ଓ ଗରଦପୁର ଅଞ୍ଚଳର ପୁରୁଖା ପୁରୁଖା ଲୋକଙ୍କ-ଠାରୁ ମୁଁ ଶୁଣିଲି ଯେ--ସେତେବେଳେ ଶାସକଙ୍କଠାରୁ କବି ମଧ୍ୟ ସ୍ୱର୍ଣ୍ଣକୁଣ୍ଡଳ ଓ ମୂଲ୍ୟବାନ ପଗଡ଼ି ଉପହାର ପାଇଥିଲେ । କବିଙ୍କ ମୃତ୍ୟୁ ପରେ ବହୁ କାଳ ପର୍ଯ୍ୟନ୍ତ ତାମାସା ଅଭିନୟରେ ଯେଉଁ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା, ସେ ସେହି କୁଣ୍ଡଳ ଓ ପଗଡ଼ି ପିନ୍ଧି ଅଭିନୟ କରୁଥିଲା । କାଳକ୍ରମେ ସେ ପଗଡ଼ି-କୁଣ୍ଡଳ ନଷ୍ଟ ହୋଇ ଯାଇଛି ।

କବି ବଂଶୀବଲ୍ଲଭଙ୍କର ପିତାଙ୍କ ନାମ—ସତ୍ୟନାରାୟଣ ଗୋସ୍ୱାମୀ (ମତାନ୍ତରେ—ରାମକୃଷ୍ଣ) ଏବଂ ମାତାଙ୍କ ନାମ—ସତ୍ୟବତୀ ଦେବୀ (ମତାନ୍ତରେ—ଅନ୍ନପୂର୍ଣ୍ଣା) । ପିତା ସତ୍ୟନାରାୟଣ ଜଣେ ବହୁ ଶାସ୍ତ୍ରବିତ୍ ପଣ୍ଡିତ ବ୍ୟକ୍ତି ଥିଲେ ଏବଂ ନିଜର ତିନି ଜଣ ପୁତ୍ରଙ୍କୁ ବିଦ୍ୟାଧ୍ୟୟନ ଓ ଶାସ୍ତ୍ରଚର୍ଚ୍ଚାରେ ନିପୁଣ କରିବା ଲାଗି ଯତ୍ନବାନ୍ ହୋଇ-ଥିଲେ । କିନ୍ତୁ ବଡ଼ ଭାଇ ଦୁଇ ଜଣ ଯେପରି ଶିକ୍ଷା ଦୀକ୍ଷାରେ ଧୁରୀଣ ହୋଇ ପାରିଲେ, ବଂଶୀବଲ୍ଲଭ ସେପରି ହେବା ଦୂରେ ଥାଉ, ବାଲ୍ୟକାଳରୁ ମୂର୍ଖ ଓ ଚରିତ୍ରହୀନ ହୋଇ ପଡ଼ିଲେ । ଫଳରେ ସେ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ଲାଂଛିତ, ଅପମାନିତ ହୋଇ ଗୃହ ତ୍ୟାଗ କରି ଚାଲିଗଲେ ଏବଂ ସାଲନ୍ଦୀ ନଦୀ କୂଳସ୍ଥ ଉତ୍ତରବାହିନୀ ନାମକ ସ୍ଥାନରେ ବିରାଜିତ ଉତ୍ତରେଶ୍ୱର ମହାଦେବଙ୍କ ନିକଟରେ ଧାରଣା ପଡ଼ିଲେ । ତତ୍ପରେ ସ୍ୱଗ୍ରାମର ହଟନାଗର ମହାଦେବଙ୍କ ନିକଟରେ ମଧ୍ୟ ଅଧିଆ ପଡ଼ିଲେ । କିମ୍ବଦନ୍ତୀ ରହିଛି ଯେ—ତାଙ୍କର ଭକ୍ତି ଓ ନିଷ୍ଠାପରତାରେ ମୁଗ୍ଧ ହୋଇ ମହାଦେବ ତାଙ୍କୁ ସ୍ୱପ୍ନରେ ଦେଖା ଦେଇଥିଲେ ଏବଂ ତାଙ୍କ ଜିଭ ଉପରେ ପାଠ ଲେଖି ଦେଇ କବି ହେବା ପାଇଁ ଆଶୀର୍ବାଦ କରିଥିଲେ ।

ଏହିପରି ଦୈବୀ କୃପାରୁ ପାଣ୍ଡିତ୍ୟ ଓ କବିତ୍ୱ ଲାଭ କରି ବଂଶୀବଲ୍ଲଭ ଗୃହକୁ ବାହୁଡ଼ି ଆସୁଥିଲାବେଳେ ବାଟରେ ଜଣେ ଭିଲ୍ (ଛଦ୍ମବେଶୀ ମହାଦେବ ବୋଲି କଥିତ ହୁଏ) ଉପସ୍ଥିତ ହୋଇ ତାଙ୍କୁ ଆଶୀର୍ବାଦ କରିଥିଲେ । କବିତ୍ୱ ଲାଭ ପରେ ବଂଶୀବଲ୍ଲଭ ପ୍ରଥମେ ଏହି ମହାଦେବ ତାରିଫ୍ ରଚନା କରିଥିବାର କଥିତ ହୁଏ :—

ଯାହାଁ ବସତ୍ ବିବିଧ ବିଦ୍ୱାନ୍ ଗୁଣୀ ପଣ୍ଡିତ ମଣ୍ଡିତ କବିଶେଖର
ବହୁବିଧ ବ୍ରାହ୍ମଣ କଲମ୍ ସେବର୍ ଅମ୍ବଷ୍ଠ ବୈଦ୍ୟ ବହୁବର ବେବର
ହାହି ଫିରିତ ହୈ ଗୁରୁ ନାନକ ଜୀ କା ଶାସ୍ତ୍ରଚର୍ଚ୍ଚା ନିଶିବାସର
ସୋ ସଙ୍ଗତ ମହଲେ ଭଲେ ବିରାଜେ ତୋ ଜୟ ହଟ ନାଗର ।

Digitized by srujanika@gmail.com

(ଅର୍ଥାତ୍ —ଯେଉଁଠାରେ ବିବିଧ ବିଦ୍ୱାନ, ଗୁଣୀ ପଣ୍ଡିତ, କବିଶେଖର, ବହୁବିଧ ବ୍ରାହ୍ମଣ, କଲମଜୀବୀ (କରଣ), ଅମ୍ବଷ୍ଠ ଶ୍ରେଣୀୟ ବୈଦ୍ୟ × × ଅଛନ୍ତି— ଗୁରୁ ନାନକଜୀଙ୍କ ଆଜ୍ଞାରେ ଯେଉଁଠାରେ ଶାସ୍ତ୍ରଚର୍ଚ୍ଚା ଚାଲିଛି, ସେହି ସଙ୍ଗତ ମହଲରେ ହଟନାଗର ବିରାଜମାନ କରନ୍ତି । ତାଙ୍କର ଜୟ ହେଉ !)

ତା’ପରେ କବି ବଂଶୀବଲ୍ଲଭ ଚାମ୍‌ପୁ ପରେ ଚାମ୍‌ପୁ ରଚନା କରିବାରେ ଲାଗିଲେ । ଭିଲ୍‌ଠାରୁ ଆଶୀର୍ବାଦ ପାଇଥିବାରୁ ପ୍ରଥମେ ସେ ଭିଲ୍ ଚାମ୍‌ପୁ ଏବଂ ତତ୍ପରେ ଯଥାକ୍ରମେ ରାଧାକୃଷ୍ଣ ଚାମ୍‌ପୁ, ଚଉତିଶା ଚାମ୍‌ପୁ, ଯୋଗୀ ଚାମ୍‌ପୁ, ଫକୀର ଚାମ୍‌ପୁ, ଲେଲିନ୍ ମଜ୍‌ନୁ ଆଦି ଚାମ୍‌ପୁଆଦି ରଚନା କରିଥିଲେ । ଚାମ୍‌ପୁଗୁଡ଼ିକ, ବିଶେଷତଃ ମୋଗଲ ଚାମ୍‌ପୁ କବିଙ୍କର ପରିଣତ ବୟସର ରଚନା ବୋଲି ମନେ ହୁଏ । ରଚନା ସଙ୍ଗେ ସଙ୍ଗେ ବିଭିନ୍ନ ଚାମ୍‌ପୁର ଅଭିନୟ ପ୍ରଦର୍ଶନ କରାଇ କବି ବଂଶୀବଲ୍ଲଭ ଜନସାଧାରଣ ତଥା ପଦସ୍ଥ ରାଜକର୍ମଚାରୀଙ୍କର ପ୍ରଶଂସାଭାଜନ ହୋଇ-ଥିଲେ - ଜମିବାଡ଼ି, ସୁନା କୁଣ୍ଡଳ, ମୂଲ୍ୟବାନ୍ ପଗଡ଼ି ଆଦି ଉପହାର ଲାଭ କରିଥିଲେ । ତାଙ୍କ ଜୀବନର ଅନ୍ୟାନ୍ୟ ଘଟଣା ଓ ଦେହାନ୍ତ କାଳ ସଂପର୍କରେ କୌଣସି ତଥ୍ୟ ବର୍ତ୍ତମାନ ସୁଦ୍ଧା ମିଳି ନାହିଁ । କେତେକ କଥା ଜନଶ୍ରୁତି ବା କିମ୍ବଦନ୍ତୀ ଆକାରରେ ଏ ଅଞ୍ଚଳରେ ପ୍ରଚଳିତ ଅଛି । କିନ୍ତୁ ତାହା ଅତ୍ୟନ୍ତ ଅସମ୍ଭବ ବା ଅବିଶ୍ୱାସ୍ୟ ଥିବାରୁ ଏଠାରେ ପରିତ୍ୟକ୍ତ ହେଲା । କବି ବଂଶୀବଲ୍ଲଭ ଓ ତାଙ୍କର ଜନ୍ମସ୍ଥାନ ସଙ୍ଗତ ବିଷୟରେ ସ୍ଥାନୀୟ କବି ଶ୍ରୀ ରାଜବଲ୍ଲଭ ମହାନ୍ତି ଆଜକୁ ପ୍ରାୟ ଚାଳିଶ ବର୍ଷ ତଳେ ଲେଖିଥିଲେ—

ସଙ୍ଗୀତ ବିଦ୍ୟାରୁ ନାମ ଅଟଇ ‘ସଙ୍ଗତ’
ନାନକ ଗୁରୁଙ୍କ ଗାଦି ଏଠାରେ ମହତ ।
ରାଜପୁତ କ୍ଷତ୍ରିଗଣ ଏ ସ୍ଥାନେ ଅଛନ୍ତି
ଅଗ୍ରେ ଚଉଷ ଚାମ୍‌ପୁ ଏଥୁଁ ଉତପତ୍ତି ।
ବଲ୍ଲଭ ମୂର୍ଖ ମା’ ଥିଲି ବିଦ୍ୟା ପଢ଼ି ନାହିଁ
ଶ୍ରୀ ହଟନାଗର ପୂଜି କବି ସେ ବୋଲାଇ । ※

‘ମୋଗଲ ଚାମ୍‌ପୁ’ ବ୍ୟତୀତ କବି ବଂଶୀବଲ୍ଲଭ ଆଉ ଆଉ ଛ’ ଗୋଟି ଚାମ୍‌ପୁ ରଚନା କରିଥିବାର ବର୍ତ୍ତମାନ ସୁଦ୍ଧା ଜଣା ପଡ଼ିଛି । ପ୍ରତ୍ୟେକ ଚାମ୍‌ପୁର ବିଷୟ ବସ୍ତୁ

※ ଶ୍ରୀ ଶ୍ରୀ ଭଦ୍ରକାଳୀ ଜଣାଣ— ଶ୍ରୀ ରାଜବଲ୍ଲଭ ମହାନ୍ତି, ଗୋପୀନାଥ ପ୍ରେସ, ଭଦ୍ରକ (୧୯୩୦), ପୃଷ୍ଠା—୧୨

Digitized by srujanika@gmail.com

ବିଭିନ୍ନ ପ୍ରକାର । ଏଠାରେ ସେହି ଚାମସାଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କରା ଯାଉଛି । ଏ ସମସ୍ତର ପାଣ୍ଡୁଲିପି ଏବେ ମଧ୍ୟ ବିଭିନ୍ନ ବ୍ୟକ୍ତିଙ୍କ ନିକଟରେ ରହିଛି ଏବଂ ଅବିଳମ୍ବେ ପ୍ରକାଶିତ ହେବା ଲୋଡ଼ା ପଡ଼ୁଛି ।

୧ । ଭିଲ୍ ଚାମସା—ଅଯୋଧ୍ୟାର ଜଣେ ବ୍ରାହ୍ମଣ ଦେଶ ପର୍ଯ୍ୟଟନରେ ଯାଉଁ ଯାଉଁ ବାଟରେ ଏକ ଜଙ୍ଗଲରେ ଜଣେ ଭିଲ୍ (ବଣୁଆ ଲୋକ)କୁ ଦେଖିଲା । ଭିଲ୍ ଜଣକ ବ୍ରାହ୍ମଣକୁ ଅଟକାଇ କହିଲା—ମୋତେ ଧନ ବା ରସଦ୍ ଦେଇ ସନ୍ତୁଷ୍ଟ କର, ନୋହିଲେ ତମର କ୍ଷତି କରିବି । ବ୍ରାହ୍ମଣ ବେଦେ ଆଶଙ୍କା କରି ସଦୁପଦେଶ ଓ ମନ୍ତ୍ରଦୀକ୍ଷା ଦ୍ୱାରା ଭିଲ୍‌ର ମନ୍ଦ ବୁଦ୍ଧି ଦୂର କଲା । ଶେଷରେ ଭିଲ୍ ପୁଣ୍ୟାତ୍ମା ପୁରୁଷରେ ପରିଣତ ହୋଇ ବ୍ରାହ୍ମଣକୁ ଧନରତ୍ନ ଦାନ କଲା ଏବଂ ପୁରୀ-ଯାତ୍ରା ଉଦ୍ଦେଶ୍ୟରେ ବିଦା କରିଦେଲା । ବ୍ରାହ୍ମଣ ଓଡ଼ିଶା ଦେଶକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଶିବ ବନ୍ଦନା ଗାଇ ମେଲାଣି ଘେନି ଗଲା । ଏହାର ଅଭିନୟ କାଳ—ଏକ ରାତି ।

୨ । ରାଧାକୃଷ୍ଣ ଚାମସା— ମୋଗଲ ତାମସାର ଅଭିନୟ ଶେଷରେ ଏହି ଚାମସା ଅଭିନୀତ ହେବାର ବିଧି ରହିଛି । ଏଥିରେ ବୈଷ୍ଣବ ସାହିତ୍ୟର ସୁପରିଚିତ ଦୁଇଟି ଉପାଖ୍ୟାନ—ମୁରଲୀ ହରଣ ଓ ବସ୍ତ୍ର ହରଣ ସ୍ଥାନ ପାଇଛି । ରାଧା, କୃଷ୍ଣ, ଗୋପୀ ଓ ଗୋପବାଳକଗଣ ଏହାର କୁଶୀଳବ । ଦୁଇଜଣ ଗୋପ-ବାଳକ ଗୋଧନ ଅନୁସନ୍ଧାନରେ ଯାଇ ବୃନ୍ଦାବନରେ ପହଞ୍ଚନ୍ତି ଏବଂ ସେଠାରେ ଶ୍ରୀକୃଷ୍ଣଙ୍କୁ ଦେଖି ବନ୍ଦନା କରନ୍ତି :—

ଶ୍ରୀମୁଖ ସୁନ୍ଦର ' ଚନ୍ଦ୍ର ଜ୍ୟୋତିଧର
ଭଲେ ତିଲକ ଉଜଆର ହୈ ।
ଝଲକତ କେଶର ତିଲକ ଭାଲପର
ଚନ୍ଦନ କଅଁଲ କରାଉ ହୈ ॥
ଓରବନ ମାଲ ବିଶାଲ ଲାଲ
ଧୀଧି ମୁରଲୀ ଧ୍ୱନ ପ୍ୟାର ହୈ ।
ବଲ୍ଲଭ କହତ କ୍ୟା ବରନଉଁଛବ
ତନ ମନ ଜୀବନ ଅଟକତ ହୈ ॥

ଏଥିରେ ଥିବା ଦୁଇଟିଯାକ ଉପାଖ୍ୟାନର ଅଭିନୟ କାଳ ପ୍ରାୟ ଦୁଇ ଘଣ୍ଟା ।

୩ । ଚଉଡ଼ା (ଚେହ୍ଡୋଡ଼ା) ଚାମସା— ମୁସଲମାନ ଶାସକଙ୍କର ପାଇଖାନା ଆଦି ସଫାସୁତୁରା କରୁଥିବା ମେହେନ୍ତରମାନଙ୍କୁ ଚଉଡ଼ା (ଚେହ୍ଡୋଡ଼ା) ଓ

Digitized by srujanika@gmail.com

ସେମାନଙ୍କ ସ୍ତ୍ରୀମାନଙ୍କୁ ଚଉଡ଼ୁଣୀ (ଚେହୋଡ଼ନ୍) ବୋଲାଯାଇଛି । ଚଉଡ଼ାମାନଙ୍କ କାର୍ଯ୍ୟ ତଦାରଖ୍ କରିବା ଲଗି ଗୁରଜଣ ସର୍ଦ୍ଦାର ଆସି ଦେଖିବେ— ଚଉଡ଼ାମାନେ ସମସ୍ତେ ନିଶା ଖାଇ ମାତାଲ । ସର୍ଦ୍ଦାରଙ୍କୁ ଦେଖି ଚଉଡ଼ାମାନେ 'ମୋ ପାଇଖାନା ସଫା ଅଛି' 'ମୋ ପାଇଖାନା ସଫା ଅଛି' ବୋଲି କହି ନିଜ ନିଜ ମଧ୍ୟରେ କଳଗୋଳ ଲଗାଇବେ । ଏତିକବେଳେ ଚଉଡ଼ୁଣୀମାନେ ଆପଣା ଆପଣା ଚଉଡ଼ାମାନଙ୍କୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିବେ ।

ଚଉଡ଼ୁଣୀମାନଙ୍କ ଗୀତ—

କାହାଁ ଗୟୋଜି ଗୁଲଜାର ଚୌଡ଼ା
ମେରେ ଦିଲ୍ ଅଓର ଜାନ ।
ମାଦର ଫେଦର ଅଓର ବିରାଦର
ଛୋଡ଼ା ମମୁର ମୁକାନ୍ ॥
ଦେଖ୍‌ଲେ ଦେଖାକେ ଲେଡ଼ୁ ଭଡ଼ୁଏ
ଆଁଖମେ ଦେକେ ଚସମା ।
ଚିଖ୍‌ଲେ ଚିଖାକେ ଲେଡ଼ୁ ଭଡ଼ୁଏ
ନା ମରଦାନା ଖସମା ॥

ଚଉଡ଼ାମାନଙ୍କ ସହ ଚଉଡ଼ୁଣୀମାନଙ୍କର ମିଳନ ହେବ । ଶେଷେ 'ମେହେନ୍ତର ସାହେବ' ଆସି ଚଉଡ଼ାମାନଙ୍କର କଳଗୋଳ ମେଣ୍ଟାଇ ଦେବେ । ଏହାର ଅଭିନୟ କାଳ—ଏକ ରାତି ।

୮ । ଯୋଗୀ ତାମସା—ଜଣେ ଯୋଗୀ (ଛଦ୍ମବେଶୀ ମହାଦେବ ବୋଲି କେତେକ କହନ୍ତି) ନିଜର "ଗାଡ଼ିବା" ନାମକ ଶିଷ୍ୟ ସହ ଆସି ହେଉଁଛନ୍ତି । ଅଭିନୟ ସ୍ଥଳ ନିକଟରେ ବସିଥିବା ଆସରଓ୍ୱାଲାଙ୍କୁ ପଚାରିବେ—ଏହା କେଉଁ ଗ୍ରାମ ? କେଉଁ ସ୍ଥାନ ? ତାହା ସଙ୍ଗତ ଗ୍ରାମର ହଟନାଗରଙ୍କ ବଜେ ସ୍ଥଳୀ ବୋଲି ଜାଣି ଯୋଗୀ ଶିବ ବନ୍ଦନା ଗାଇବେ—

ସଦାଶିବ ଶଙ୍କର ତନୁ ଭସ୍ମ ଧୃସର
କଟୀ ତଟେ ବାଘାମ୍ବର ଗଳେ ହାଡ଼ମାଳ ।
ଅମଙ୍ଗଲ ନୈ ମଙ୍ଗଲ ଫିରେ ଝାଡ଼ ଜଙ୍ଗଲ
କହେଁ ଲୋକ ପାଗଲ ସଦାନନ୍ଦ ହେଲା ।
ଅସୁର-ସୁରକ ତାରନ୍ ଜଗତ୍‌କ ଉଦ୍ଧାରନ୍
ତିରନ ହାର କାରିନ ତୁହୁଁ ବଏଲ୍‌ଓ୍ୱାଲା ॥

Digitized by srujanika@gmail.com

ତା'ପରେ ଯୋଗୀଙ୍କି ଖୋଜ ଖୋଜ ଆସି ଯୋଗିଆଣୀ ସେଠାରେ ପହଞ୍ଚିବେ ଏବଂ ସ୍ୱାମୀଙ୍କି ଘରକୁ ଫେରାଇ ନେବା ଲାଗି ଚେଷ୍ଟା କରିବେ । କିନ୍ତୁ ଯୋଗୀ 'ତୀର୍ଥାଟନରେ ବାହାରିଛନ୍ତି' ବୋଲି କହି ଫେରିବାକୁ ଅନିଚ୍ଛା ପ୍ରକାଶ କରିବେ ଏବଂ ଯୋଗିଆଣୀଙ୍କି ବୁଝାଇ ଶୁଝାଇ ଘରକୁ ପଠାଇ ଦେବେ । ଅଭିନୟ କାଳ—ଏକ ରାତି ।

୫ । ଫକୀର ତାମସା—ଚାରି ଜଣ ମୁସଲମାନ ଫକୀର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଚାରି ମୁଲକ ପର୍ଯ୍ୟଟନ କରି ଆସି ପହଞ୍ଚିବେ । ସେମାନେ ଭିନ୍ନ ଭିନ୍ନ ମୁଲକରେ କଣ କଣ ଦେଖିଲେ, ତାହା ପରସ୍ପରକୁ ଜଣାଇବେ । ଫକୀରମାନଙ୍କର ଗୋଟିଏ ଗୀତର ନମୁନା—

କର୍ତ୍ତା ସରଫ ଜାନ୍ ନକ ଖାସ୍ତି ଭୈ ।
ଉସମେ ବିଚ୍ଛଡ଼୍ ଗୟା ମେରା ହମଦମ୍ ଶୁନୋ ଭୈ ॥
ମରଜ ଖୋଦାକେ ଛୁଟ୍ ଗୟି ସଂଗି ।
କୁଦରଥି ଇଲହି କେ ଇହାଁ ପୌହଁଚୁ ଜୀ ଭୈ ॥

ତା'ପରେ ଜଣେ ବୃଦ୍ଧ ଫକୀର ଆସିବ । ସେ କି କି ଦେଶ ବୁଲି କଣ କଣ ଦେଖିଛି ବୋଲି ମୁସଲମାନ ଫକୀରମାନେ ପଚାରିବେ । ବୃଦ୍ଧ ଫକୀର ନିଜର ଦେଶ ପର୍ଯ୍ୟଟନ ଅନୁଭୂତି ବର୍ଣ୍ଣନା କରି ଚାଲିଯିବ । ଶେଷରେ ମୁସଲମାନ ଫକୀରଙ୍କର ଚାରି ସ୍ତ୍ରୀ ଆସି ପହଞ୍ଚିବେ । ଫକୀରମାନଙ୍କ ସହିତ ସେମାନଙ୍କର ମିଳନ ହେବା ପରେ ସମସ୍ତେ ଶିବ ବନ୍ଦନା କରିବେ । ଅଭିନୟ କାଳ—ଏକ ରାତି ।

୬ । ଲୋଲିନ୍-ମଜାବାଇ ତାମସା—ଚାରି ଜଣ ମୋଗଲ ପରସ୍ପରର ବନ୍ଧୁ । ଏମାନେ ଆସି ଦେଖିବେ—ଓଡ଼ିଶା ବେଶ୍ ଆଛା ମୁଲକ । ଏଠାରେ କେଉଁଠି ଭଲ ଗଣିକା ମିଳିବେ, ସେମାନେ ଅନୁସନ୍ଧାନ କରିବେ । ଏହିକବେଳେ ଲୋଲିନ୍ ଓ ମଜାବାଇ ନାମ୍ନୀ ଦୁଇଜଣ ଗଣିକା ଆସି ମୋଗଲମାନଙ୍କୁ କହିବେ— ଚାଲ, ଆମ ପୁରରେ ରାତି ଯାପନ କରିବ । ଦେବାନେବାରେ ମୁକ୍ତହସ୍ତ ହେଲେ, ଆମେ ତୁମମାନଙ୍କୁ ଖୁବ୍ ଶାନ୍ତିରେ ରଖିବୁଁ । ଏହି ସମୟରେ ଗଉଡ଼ ଗଉଡୁଣୀ ଦୁଧ ଘିଅ ବିକିବା ପାଇଁ ହାଟକୁ ଯାଉଥିବେ । ମୋଗଲମାନେ ତାଙ୍କଠାରୁ ଦୁଧ ଘିଅ ନେବା ଲାଗି ଜୋର୍ ଜବରଦସ୍ତି କରିବେ । କିନ୍ତୁ ଗଉଡ଼-ଗଉଡୁଣୀ ସେମାନଙ୍କ କବଳରୁ ଖସି ପଳାଇଯିବେ । ଶେଷରେ

Digitized by srujanika@gmail.com

ମେଲନ୍ ମଜାବାଈଙ୍କ ସହିତ ମୋଗଲମାନେ ଗଣିକାଳୟକୁ ଯିବେ ।
ଅଭିନୟ କାଳ—ଏକ ରାତି ।

ଏହି ରଚନାଗୁଡ଼ିକ 'ଚଇତି ତାମସା' ନାମରେ ଅଭିହିତ । କାରଣ ପ୍ରତି ବର୍ଷ ଚୈତ୍ର ମାସ ଶେଷରେ ମହାଦେବଙ୍କ ଘଣ୍ଟଯାତ୍ରା ସହିତ ଏ ଗୁଡ଼ିକର ଅଭିନୟ ହେଉଥିଲା । ପୂର୍ବରୁ ଚୈତ୍ର ମାସର ଶେଷ ସାତଦିନ ବ୍ୟାପି ବିଭିନ୍ନ ତାମସା ଅଭିନୀତ ହୋଇ ପଣାସଂକ୍ରାନ୍ତି ବା ବିଷୁବସଂକ୍ରାନ୍ତିରେ ଶେଷ ହେଉଥିଲା । କିନ୍ତୁ ଆଜିକାଲି ମାତ୍ର ଗୋଟିଏ ଦିନ, କେବଳ ମୋଗଲ ତାମସାର ଅଭିନୟ ହେଉଥିବାର ଦେଖାଯାଏ । ଶିବ ମନ୍ଦିର ସମ୍ମୁଖରେ ତାମସା ଅଭିନୟ ହେବାର ବିଧି । ବର୍ତ୍ତମାନ ସୁଦ୍ଧା ଏହି ବିଧି ପାଳିତ ହେଉଛି । ଭଦ୍ରକସ୍ଥ ସଙ୍ଗାତ, ସନ୍ତିଆ, ବାଙ୍କାବଜାର, ମିର୍ଜାପୁର, ପୁରୁଣା-ବଜାର, ଗରଦପୁର, ଛଡ଼ାକମହଲ୍ଲା, କୁଆଁସ, ସାହାପୁର, ଜାନୁଗଞ୍ଜ ପ୍ରଭୃତି ଗ୍ରାମରେ ତାମସା ଅଭିନୟ ହୋଇଥାଏ । ଭଦ୍ରକଠାରୁ ପ୍ରାୟ ଷୋଳ ମାଇଲ୍ ଦୂରବର୍ତ୍ତୀ ଅଗରପଡ଼ାରେ ମଧ୍ୟ ତାମସା ଅଭିନୟ ହେଉଥିବାର ମୁଁ ଶୁଣିଛି । ୧୯୧୧ ମସିହାରେ ରଚିତ ବିଖ୍ୟାତ 'ସାଳନ୍ଦୀ' କାବ୍ୟରେ କବିଶେଖର ଚିନ୍ତାମଣି ମହାନ୍ତି ଚଇତି ତାମସା ସଂପର୍କରେ ଲେଖିଛନ୍ତି :—

ତୋହି ଜଳ ପିଇ ଶ୍ରୀ ବଂଶୀବଲ୍ଲଭ
ସଞ୍ଚିଲେ ସୁକୀର୍ତ୍ତି ମାନବ-ଦୁର୍ଲଭ ।
କରିଥିଲେ ତାଙ୍କ ଜିହ୍ୱାଗ୍ରେ ବସତି
ବିଦ୍ୟା ବିନୋଦିନୀ ଦେବୀ ସରସ୍ୱତୀ ।
ସାରସ୍ୱତ କୃପା ଲଭି ସେ ସାନନ୍ଦେ
ରଚିଲେ ସଙ୍ଗୀତ ସୁମଧୁର ଛନ୍ଦେ ।
ନବ ରସେ ସେହୁ ଥିଲେ ସୁପଣ୍ଡିତ
ଗାଇଲେ ତୋ କୂଳେ 'ଚଇତ ସଙ୍ଗୀତ' ।

ମୋଗଲ ରାଜତ୍ୱେ ସେ କାଳରେ ଦେଶେ
ଥିଲା ପାର୍ଶି ଭାଷା ଚଳନ ବିଶେଷେ ।
ପାରଶିରେ ତହୁଁ ବିରଚି ସଙ୍ଗୀତ
ମୋହିଲେ ସୁଜାତି, ବିଜାତିଙ୍କ ଚିତ୍ତ ।
ଅଧିକାଂଶ ଗୀତ ଶାନ୍ତ ରସାଶ୍ରିତ
ସାକ୍ଷୀ ତାର 'ଯୋଗୀ-ଫକୀର ସଙ୍ଗୀତ' ।

Digitized by srujanika@gmail.com

ଅଦ୍ୟାପି ଭଦ୍ରକେ ସେ ସଙ୍ଗୀତଚୟ
ଚୈତ୍ର ମାସ ଶେଷେ ହୁଏ ଅଭିନୟ ।
ଧନ୍ୟ କବିଙ୍କର ସମ୍ମୋହନ ଗୀତ
ସମ ଭାବେ ମୋହେ ସମସ୍ତଙ୍କ ଚିତ୍ତ ।

× × × ×

ଏକାଧାରେ ତହିଁ ଅଛି କନ୍ଦାହସା ।
ଡାକ ନାମ ତାର 'ଚଇତ ତାମସା' ।

କବି ବଂଶୀବଲ୍ଲଭଙ୍କର ଜୀବିତାବସ୍ଥାରେ ତଥା ମୃତ୍ୟୁ ପରେ ଏ ଅଞ୍ଚଳର ଅନ୍ୟାନ୍ୟ ବ୍ୟକ୍ତି ଆଉ କେତେକ ତାମସା ରଚନା କରିଥିବାର କିମ୍ବା ବଂଶୀବଲ୍ଲଭଙ୍କ ରଚନାର ସଂସ୍କାର ଓ ପରିବର୍ତ୍ତନ-ପରିବର୍ଦ୍ଧନ କରିଥିବାର ଜଣାପଡ଼େ । ସେମାନଙ୍କ ମଧ୍ୟରୁ ସହିଁଆ ନୀଳକଣ୍ଠପୁରର ପ୍ରୀତିଲାଲ, ବାଙ୍କାର ଜଗବନ୍ଧୁ ମିଶ୍ର, ପୁରୁଣାବଜାରର ଲାଲ୍ ଗିରିଧାରୀ ରାୟ ପ୍ରଭୃତି ପ୍ରଧାନ ।

ମୋଗଲ ତାମସା

କଥିତ ହୁଏ—କବି ବଂଶୀବଲ୍ଲଭ ଦୁଇ ପ୍ରକାର ମୋଗଲ ତାମସା ରଚନା କରିଥିଲେ, ଯଥା —ବାଦସାହୀ ମୋଗଲ ଓ ସୌଦାଗରୀ ମୋଗଲ । ସୌଦାଗରୀ ମୋଗଲ ତାମସାର ପାଣ୍ଡୁଲିପି ଏ ପର୍ଯ୍ୟନ୍ତ ମୋ ନଜରରେ ପଡ଼ି ନାହିଁ । ଏହା ମଧ୍ୟ ଆଜକାଲି କେଉଁଠି ଅଭିନୀତ ହେବାର ଦେଖାଯାଏ ନାହିଁ । ବାଦସାହୀ ମୋଗଲ ତାମସା ବିଶେଷ ଜନପ୍ରିୟ ଓ ଏବେ ମଧ୍ୟ ବହୁଳ ଭାବରେ ଅଭିନୀତ ହୋଇଥାଏ । ତାହାହିଁ ବର୍ତ୍ତମାନ ପୁସ୍ତକାକାରରେ ପ୍ରକାଶିତ ହୋଇଛି ।

ସଂକ୍ଷେପରେ ମୋଗଲ ତାମସାର କଥାବସ୍ତୁ ହେଉଛି—ପ୍ରଥମେ ଚୋପଦାରମାନେ ଆସି ଉପସ୍ଥିତ ଜନତାକୁ "ଦବେ ଖଡ଼େ ହୋ—ହଟ୍ ଖଡ଼େ ହୋ !" ବୋଲି ସାବଧାନ କରିବା ସଙ୍ଗେ ସଙ୍ଗେ ମିର୍ଜାସାହେବ (ମୋଗଲ ଶାସକ) ଙ୍କ ଆଗମନ ବାର୍ତ୍ତା ଘୋଷଣା କରିବେ । ଚୋପଦାରଙ୍କ ସଂଖ୍ୟା ଏକରୁ ଏକାଧିକ ହୋଇପାରେ । ମିର୍ଜାସାହେବ ପାଲିଙ୍କି ବା ଚଉଦୋଳରେ ଚଢ଼ି ପଟୁଆର ମଧ୍ୟରେ ଅଭିନୟ ସ୍ଥଳ ନିକଟରେ ଆସି ପହଞ୍ଚିବେ । ବାଦଶାହୀ ଥାଟରେ ଝୁଲି ଝୁଲି ମଞ୍ଚ ଉପରକୁ ଯାଇ ସିଂହାସନରେ ବିଜେ କରିବେ । ତତ୍ପରେ ନିଜର ସେବାକାରୀ କର୍ମଚାରୀମାନଙ୍କୁ ଜଣକ ପରେ ଜଣେ ତଲବ କରିବେ । ପ୍ରଥମେ ଭେସ୍ତିଓ୍ୱାଲା, ତତ୍ପରେ ଝାଡ଼ୁଓ୍ୱାଲା,

Digitized by srujanika@gmail.com

ଫର୍‌ରାସ, ହୁକାଓ୍ୱାଲା, ପଙ୍ଖାଓ୍ୱାଲା, ଦପ୍ତର, ଚଟନଓ୍ୱାଲା, ତୋଡ଼ବରଦାର ପ୍ରଭୃତି ଆସି ମିର୍ଜା ସାହେବଙ୍କ ଆଗରେ ଆପଣା ଆପଣା ଗୁହାରି ଜଣାଇଲା ପରେ ସେବା କରି ଯିବେ । ଏହି ସେବାକାଂକ୍ଷୀମାନଙ୍କର ଆଗମନ-କ୍ରମ ସ୍ଥଳ ବିଶେଷରେ ଅଦଳ-ବଦଳ ହୋଇଥିବାର ଦେଖାଯାଏ ।

ମଝିରେ ମିର୍ଜା ସାହେବ ସେହି ମୁଲକ, ପ୍ରଗନା, ମୌଜା ଓ ଲୋକମାନଙ୍କ ବିଷୟରେ ନିଜର କୁତୂହଳ ପ୍ରକାଶ କରିବେ ଏବଂ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ନିଜକୁ ଜାହିର୍ କରିବା ଲାଗି ନିଜର ପଦ-ପଦବୀ, ନୌକର-ଚାକର, ବାଗ୍-ବଗିଚା, ବିଦ୍ୟାବୁଦ୍ଧି ବଡ଼ିମାର ପ୍ରକାଶ କରିବେ । ସେ-ଅଞ୍ଚଳର ଜମିଦାରଙ୍କୁ ତଲବ କରି ପ୍ୟେଦାରଙ୍କ ଜରିଆରେ ତାଙ୍କ ନିକଟରୁ "ଗ୍ଭେକଶି, ବକଶି, ଛପରଖଟ୍ ମଶାରି, ଚରିଓ୍ୱନ୍ ବେପରମ୍" ଆଦି ରସଦ୍ ଦାବୀ କରିବେ । ଜମିଦାର ଯୋଗାଇଥିବା ରସଦରେ ମିର୍ଜା ସାହେବ ଅସନ୍ତୋଷ ପ୍ରକାଶ କରି ଗଉଡୁଣୀକି ତଲବ କରିବେ । ଜଣେ ଗଉଡୁଣୀ (ସ୍ଥଳ ବିଶେଷରେ ଦୁଇ ଜଣ) ଦହି-ଦୁଧ ପସରା ଘେନି ପହଞ୍ଚିବା ପରେ ମିର୍ଜା ସାହେବ ତା' ନିକଟରେ ପ୍ରୀତି ଭିକ୍ଷା କରିବେ । କିନ୍ତୁ ଗଉଡୁଣୀ ତାହାଁରେ ଅସମ୍ମତ ହୋଇ ପଳାୟନ କରିବ । କେତେକ ସ୍ଥଳରେ ଗଉଡୁଣୀ ପ୍ରଥମେ ଆସେ । ତା' ନିକଟରେ ମିର୍ଜା ସାହେବ ପ୍ରୀତି ଭିକ୍ଷା କରି ବିଫଳ ହେବା ଉତ୍ତାରେ ଜମିଦାରଙ୍କୁ ତଲବ କରନ୍ତି ଏବଂ ତାଙ୍କ ନିକଟରୁ ଗ୍ଭେକଶି, ବକଶି ଆଦି ରସଦ ହାସଲ କରନ୍ତି ।

ମିର୍ଜା ସାହେବ ମୋଗଲ ତାମସାର ମୁଖ୍ୟ ବା କେନ୍ଦ୍ର ଚରିତ୍ର । ଏହି ଚରିତ୍ରର କାର୍ଯ୍ୟ କଳାପ, ଆଚାର ବ୍ୟବହାର ଦର୍ଶାଇ ଦେବା କବିଙ୍କର ପ୍ରଧାନ ଉଦ୍ଦେଶ୍ୟ ବୋଲି ମନେ ହୁଏ । ଏହି ଦୃଷ୍ଟିରୁ ମୋଗଲ ତାମସାକୁ 'ଚରିତ ନାଟକ' ବୋଲି ଯାଇପାରେ । ମିର୍ଜାଙ୍କର ବିଳାସ ବ୍ୟସନ, ଅନ୍ଧ ଖୁସାମଦ, ପାରିଷଦ ବା ପାର୍ଶ୍ୱଚର-ମାନଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳତା ତାମସାରେ ଭଲ ଭାବରେ ଚିତ୍ରିତ ହୋଇଛି । ଏ ସଂପର୍କରେ କବିଶେଖର ଚିନ୍ତାମଣି ଆପଣା ସାନନ୍ଦୀ କାବ୍ୟରେ ଲେଖିଛନ୍ତି :—

ମେଷ ସଂକ୍ରମଣେ ବଲ୍ଲଭ-ଭଣିତ
ମୋଗଲ ରାଜତ୍ୱ ହୁଏ ଅଭିନୀତ ।
ମୋଗଲ ରାଜାଂକ ଅତି ବିଳାସିତା
ତଥା ଅତ୍ୟାଚାର, ଅଦୂରଦର୍ଶିତା
ହାନ୍ୟ ଚାନ୍ୟ କରି ଆଂକିଛନ୍ତି କବି
ଆହିର ଶାସନ ବିଶୃଙ୍ଖଳ ଛବି ।

Digitized by srujanika@gmail.com

ମିର୍ଜାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପାର୍ଶ୍ୱ ଚରିତ୍ର । ଖେପଦାରମାନଙ୍କଠାରୁ ଆରମ୍ଭ କରି ଭେଣ୍ଡିଓ୍ୱାଲ, ଝାଡ଼ୁଓ୍ୱାଲ, ହୁକାଓ୍ୱାଲ ପ୍ରଭୃତି ଅଧିକାଂଶ କର୍ମଚାରୀ କୌଣସି ନା କୌଣସି ମାଦକଦ୍ରବ୍ୟର ଭକ୍ତ । କେହି କେହି ଗଣିକାର ଶିକାର ମଧ୍ୟ ହୋଇଛନ୍ତି । ଅଧିକାଂଶ ସେବାକାରୀ ମଜୁରି ବା ବେତନ ନ ପାଇ ଦୁରବସ୍ଥାରେ ଥିବା କଥା ପ୍ରକାଶ କରିଛନ୍ତି । ଭାଟ ଓ ଶିଖଗୁରୁ ନାନକମାନଙ୍କ ଚରିତ୍ର ସମାବେଶରୁ ଜଣାପଡ଼େ, ମିର୍ଜା ସାହେବ ଦାନ ଖଇରାତ୍ କରିବାରେ ପଶ୍ଚାତ୍‌ପଦ ନ ଥିଲେ । କବି ବଂଶୀବଲ୍ଲଭ ନାନକ ଭକ୍ତ ଥିବାର ମଧ୍ୟ ଏଥିରୁ ସୂଚିତ ହୁଏ ।

ଜମିଦାର ଚରିତ୍ର ପ୍ରତି କବି ବ୍ୟଙ୍ଗ କରିବାକୁ ଛାଡ଼ି ନାହାନ୍ତି । ମିର୍ଜା ସାହେବଙ୍କ ସହିତ ତାଙ୍କର କାରବାର, ଫକୀରମୋହନଙ୍କ 'ଛ ମାଣ ଆଠ ଗୁଣ୍ଠ" ଉପନ୍ୟାସର ହଲ୍‌ଦାର ମିଆଁଙ୍କ ସଙ୍ଗେ ରାମଚନ୍ଦ୍ର ମଙ୍ଗରାଜଂକ କାରବାର କଥା ସ୍ମରଣ କରାଇ ଦିଏ । ଗଉଡ଼ୁଣୀ ଚରିତ୍ରଟି କବିଂକର ଏକ ଅପୂର୍ବ ସୃଷ୍ଟି । ସେ କାଳର ହାଟୁଆ ଘର ଝିଅ ବୋହୂଂକ ମାନ-ଇଜ୍ଜତ୍ କପରି ଥିଲା, ତାହା ଏଇଥିରୁ ଜଣାପଡ଼େ । ମୋଟାମୋଟି ପ୍ରାୟ ଦୁଇ ଶହ ବର୍ଷ ତଳେ ଆମ ଦେଶର ଶାସକ, ତାଂକର ପାଖ ଲୋକେ ଓ ବିଭିନ୍ନ କର୍ମଚାରୀ ଏବଂ ସମାଜର ତଳ ଶ୍ରେଣୀର ଲୋକଂକ ସ୍ୱରୂପ-ପ୍ରକୃତି ଯେପରି ଥିଲା, ତାହାର କେତେକ ସୂଚନା ମୋଗଲ ତାମସାରୁ ମିଳିଥାଏ । ପାଠକମାନେ ଏହି ଦୃଷ୍ଟିରୁ ତାମସାର ଉପାଦେୟତା ନିରୂପଣ କରିବେ ।

ରଙ୍ଗମଞ୍ଚ ଓ ଅଭିନୟ

ଶିବ ମନ୍ଦିର ସମ୍ମୁଖରେ ତାମସା ଅଭିନୟ ଲାଗି ମଞ୍ଚ ତିଆରି ହୁଏ । ଏହାକୁ ଏକ ବିଶେଷ ଧରଣର ମୁକ୍ତ ରଙ୍ଗମଞ୍ଚ ବୋଲାଯାଇ ପାରେ । ମଞ୍ଚରେ ଦୃଶ୍ୟପଟ ବ୍ୟବହୃତ ହୁଏ ନା । ଗୋଟିଏ ପାଖରେ ଖଟ ବା ମାଟି ପକାଇ—ଉଚ୍ଚ ସ୍ଥାନ କରି, ତା' ଉପରେ ମିର୍ଜା ସାହେବଂକ ବସିବା ଲାଗି ସିଂହାସନ ତିଆରି କରାଯାଏ । ରଙ୍ଗ ବେରଙ୍ଗର କନା ଓ ପତ୍ର ପୁଷ୍ପରେ ସିଂହାସନ ସଜିତ ହୋଇଥାଏ । ତାହାର ତିନି ପାଖରେ (ସମ୍ମୁଖ ଭାଗ ଓ ବାଁ ଡାହାଣ ଦୁଇ କଡ଼) ଦର୍ଶକ ମଣ୍ଡଳୀ ବସନ୍ତି । ମିର୍ଜାଂକ ସିଂହାସନ ଆଗରେ ଅନ୍ୟାନ୍ୟ ପାତ୍ର ପାତ୍ରୀଙ୍କର ଅଭିନୟ ଲାଗି ଅଳ୍ପ ସ୍ଥାନ ଛାଡି ଦିଆ ଯାଇଥାଏ । ମଞ୍ଚର ଗୋଟିଏ ପାଖକୁ ଆସରଓ୍ୱାଲ ଗାୟକ ଓ ବାଦ୍ୟକାରୀମାନେ ବସନ୍ତି । ଉପରେ ଚାନ୍ଦୁଆ ବା ସମିଆନା ଟଙ୍ଗା ହୋଇଥାଏ; ତହିଁରୁ ବିଭିନ୍ନ ରଙ୍ଗର ଫାନୁସ ଓ କାଗଜ ଫୁଲ ଝୁଲୁଥାଏ । ପୂର୍ବେ ଫାନୁସ୍ ମଧ୍ୟରେ ମହମବତୀ ଜଳା ଯାଇ ଏବଂ ମଶାଲ ଆଲୋକ ସାହାଯ୍ୟରେ ଅଭିନୟ ହେଉଥିଲା, ଏବେ ପେଟ୍ରୋମ୍ୟାକ୍ସ ଲାଇଟ୍ ଓ ଇଲେକ୍‌ଟ୍ରିସିଟି ଯୁଗରେ ତାହା ପରିତ୍ୟକ୍ତ ହୋଇଛି ।

Digitized by srujanika@gmail.com
Digitized by srujanika@gmail.com

ଅଭିନୟ ଆରମ୍ଭ ହେବା ପୂର୍ବରୁ କାହାଳୀ, ଯୋଡ଼ି ନାଗରା କମ୍ବା ଢୋଲ ମହୁରୀ ଅନବରତ ବାଜୁଥାଏ । ଏହି ବାଦ୍ୟକାରୀବୃନ୍ଦ ରଙ୍ଗମଞ୍ଚର ଅଳ୍ପ ଦୂରରେ ବସି ଥାଆନ୍ତି । ଦର୍ଶକମାନଙ୍କୁ ଅଭିନୟ ସ୍ଥଳକୁ ଆକର୍ଷିତ କରି ଆଣିବା ଏପରି ବାଦ୍ୟର ଉଦ୍ଦେଶ୍ୟ । ଅଭିନୟ ମଝିରେ ମଝିରେ ବି କେତେବେଳେ ଅଭିନେତାମାନଂକ ନାଚ ସହିତ—ଆଉ କେତେବେଳେ ଅଭିନୟର ସାମୟିକ ବିରତି ସୂଚାଇବା ଲାଗି ଏହି ବାଦ୍ୟ ବାଜିଥାଏ । ଆସରଓ୍ବାଲା ଗାୟକ ଓ ବାଦ୍ୟକାରବୃନ୍ଦ ହାରମୋନିୟମ୍ ଡଗି-ତବଲା, ପଖାଉଜ, କୁବୁଜ, ବେହେଲା, ସେତାର ଆଦି ବ୍ୟବହାର କରନ୍ତି ।

ତାମସା ଅଭିନୟରେ ହିନ୍ଦୁ, ମୁସଲମାନ ଉଭୟ ସଂପ୍ରଦାୟର ଲୋକେ ଅଂଶ ଗ୍ରହଣ କରନ୍ତି । ନାରୀ ଭୂମିକାରେ କୌଣସି ସ୍ତ୍ରୀ ଲୋକ ଅଭିନୟ କରୁ ନ ଥିଲେ ; ପୁରୁଷ ଲୋକେ ମାଇକିଣା ବେଶ ପିନ୍ଧି ଅବତରଣ କରୁଥିଲେ । କବି ଶ୍ରୀ କୃଷ୍ଣ ପ୍ରସାଦ ବସୁ କହନ୍ତି—ପ୍ରାୟ ତ୍ରିଶ ବର୍ଷ ପୂର୍ବେ ସେ ଏଉଡ଼ାଳରେ ଥିଲାବେଳେ ବାଂକାଠାରେ ମୋଗଲ ତାମସାର ଯେଉଁ ଅଭିନୟ ଦେଖିଥିଲେ, ତହିଁରେ 'ଗୁଲବାଇ' ନାମକ ଜଣେ ସୁପରିଚିତା ଗାୟିକା ଅଂଶ ଗ୍ରହଣ କରିଥିଲେ । କିନ୍ତୁ ଆଜିକାଲି ଅଭିନୟରେ ସେପରି ହେଉନାହିଁ । ଗେରୁପଦାର, ମିର୍ଜା ସାହେବ, ଭେସ୍ତିଓ୍ବାଲା, ଫରାସ୍, ଚୋପ ବରଦାର ପ୍ରଭୃତି ଅଧିକାଂଶ ମୁସଲମାନୀ ବେଶପୋଷାକ ପିନ୍ଧି ଥାଆନ୍ତି । ମିର୍ଜାଙ୍କ ପୋଷାକ ମହାର୍ଘ ଓ ଜାକଜମକପୂର୍ଣ୍ଣ ହୋଇଥାଏ । ଜମିଦାରଙ୍କର ବୈଷ୍ଣବ ବେଶ । ଗଉଡୁଣୀ ସାଧାରଣ ହିନ୍ଦୁ ନାରୀ ଭଳି ଶାଢ଼ୀ ପିନ୍ଧି ଦୁଧ ଦହି ବୋଝ ମଥାରେ ଧରି ଆସିଥାଏ ।

ଜାତି-ଧର୍ମ-ବୟସ ନିର୍ବିଶେଷରେ ସମସ୍ତେ ଆସି ତାମସା ଅଭିନୟ ଦେଖି ଉପଭୋଗ କରନ୍ତି । ବିଶେଷ କରି ସାଧାରଣ ଜନତା ହିଁ ଏହାର ରସିକ ଦର୍ଶକ । ସାରା ରାତି ଉଜାଗର ରହି ଲୀଳା ଯାତ୍ରା ଭଳି ଏହାକୁ ଲୋକେ ଉପଭୋଗ କରୁଥିବାର ମୁଁ ସ୍ୱଚକ୍ଷୁରେ ଦେଖିଛି ।

ନୃତ୍ୟ-ସଙ୍ଗୀତ

ମୋଗଲ ତାମସାର ନୃତ୍ୟ, ବାଦ୍ୟ, ସଙ୍ଗୀତାଦିରେ ବିଶେଷତ୍ୱ ରହିଛି । ଲୀଳାଯାତ୍ରା, ରାସ, ପାଲା, ଗୋଟିପୁଅ କମ୍ବା ଆଧୁନିକ ଅପେରା, ଥିଏଟର୍ ପ୍ରଭୃତିରେ ଏ ଧରଣର ନୃତ୍ୟ-ସଙ୍ଗୀତ ଦେଖିବାକୁ ମିଳେ ନାହିଁ । ଢୋଲ-ମହୁରୀ କମ୍ବା ଯୋଡି ନାଗରା-କାହାଳୀର ଉନ୍ମାଦକାରୀ ବାଦ୍ୟର ତାଳେ ତାଳେ ମିର୍ଜା ସାହେବଙ୍କର ଛନ୍ଦୋବଦ୍ଧ ଗତି, ଗେରୁପଦାର ଓ ଅନ୍ୟାନ୍ୟ ପାତ୍ର-ପାତ୍ରୀଙ୍କର ନୃତ୍ୟ ଅତୁଳନୀୟ ।

Digitized by srujanika@gmail.com

ଘାଟେଁ, ଝୁଲନା ଓ ଅନ୍ୟାନ୍ୟ ସଙ୍ଗୀତର ରାଗ ରାଗିଣୀରେ ମଧ୍ୟ ବୈଶିଷ୍ଟ୍ୟ ବିଦ୍ୟମାନ । ଭଦ୍ରକର ମୋଗଲ ତାମସାର ଓସ୍ତାଦ୍ ଓ ଅଭିନେତାମାନେ ମତ ଦିଅନ୍ତି ଯେ—ଅନ୍ୟହ ଯଦି ତାମସା ଅଭିନୟ ହୁଏ, ତା'ହେଲେ ସେମାନଙ୍କ ସାହାଯ୍ୟ ନ ନେଲେ ନୃତ୍ୟ, ବାଦ୍ୟ, ସଙ୍ଗୀତାଦିର ତାଳ-ମାନ ଠିକ୍ ରଖିବା ଅସମ୍ଭବ ହେବ । ଯାହାହେଉ, ଏ ପ୍ରସଙ୍ଗର ବିଚାର ସଙ୍ଗୀତଜ୍ଞମାନଙ୍କ ଉପରେ ନ୍ୟସ୍ତ କରି ମୁଁ ପ୍ରସଙ୍ଗାନ୍ତର ଆଲୋଚନା କରୁଛି ।

ନୃତ୍ୟ-ସଙ୍ଗୀତର ବହୁଳତା, ମୁକ୍ତ ରଙ୍ଗମଞ୍ଚ, ଅଭିନୟ ରୀତି ଓ ଦର୍ଶକ-ମଣ୍ଡଳୀ ଦୃଷ୍ଟିରୁ ବିଚାର କଲେ, ମୋଗଲ ତାମସାକୁ 'ଲୋକନାଟ୍ୟ' ବୋଲିଯାଇ ପାରେ କି ? ମୌଖିକତା ଲୋକ ସାହିତ୍ୟର ଅନ୍ୟତମ ବୈଶିଷ୍ଟ୍ୟ । ତାମସା ଗୁଡିକ କିନ୍ତୁ ମୌଖିକ ସୃଷ୍ଟି ନୁହେଁ, ନିର୍ଦ୍ଦିଷ୍ଟ କବିଙ୍କର ଲେଖନୀ ମୁନରେ ଏହା ସବୁ ରୂପାୟିତ ହୋଇଛି । ଏହି ପ୍ରତିବନ୍ଧକଟି ବ୍ୟତୀତ ତାମସାକୁ ଲୋକନାଟ୍ୟ ବୋଲିବାରେ ଅନ୍ୟ କୌଣସି ବାଧା ପ୍ରାୟ ନାହିଁ । ଲୀଳା-ଯାତ୍ରା (ବଙ୍ଗଳା, ଓଡ଼ିଶା), ଭବାଇ (ଗୁଜୁରାଟ), ନୌଟଙ୍କୀ (ଉତ୍ତର ପ୍ରଦେଶ, ରାଜସ୍ଥାନ), ନକଲ୍ (ପଞ୍ଜାବ) ଓ ଟେରୁକୋଟ୍ଟୁ (ତାମିଲନାଡ଼ୁ) ପ୍ରଭୃତିକୁ ଯଦି ଲୋକନାଟ୍ୟର ଅନ୍ତର୍ଭୁକ୍ତ କରାଯାଇ ପାରେ * ତା'ହେଲେ ମୋଗଲ ତାମସା ସେହି ପର୍ଯ୍ୟାୟଭୁକ୍ତ ହେବାରେ କୌଣସି ଆପତ୍ତି ନାହିଁ ।

ତାମସା, ପ୍ରହସନ ବା ଫାର୍ସ୍-ଜାତୀୟ—ବ୍ୟଙ୍ଗାତ୍ମକ ବା ରଙ୍ଗରସମୂଳକ ଲଘୁ ନାଟକ । ବମ୍ବେ ମହାରାଷ୍ଟ୍ରରେ ଏହି ନାମଧାରୀ ଏକପ୍ରକାର ଜନପ୍ରିୟ ଲୋକନାଟ୍ୟ ଦେଖିବାକୁ ମିଳେ । ମୋଗଲ ତାମସାଦି ସଦୃଶ ଉକ୍ତ ତାମସା ମରହଟ୍ଟା ଶାସନ କାଳରେ ବିକାଶ ଲାଭ କରିଥିଲା । ପେଶୱା ପ୍ରଥମ ବାଜିରାଓ (୧୭୨୦—୧୭୪୦) ଏହାର ପୃଷ୍ଠପୋଷକତା କରିଥିଲେ । ଅଷ୍ଟାଦଶ ଶତାବ୍ଦୀ ଶେଷ ଭାଗ ଓ ଊନବିଂଶ ଶତାବ୍ଦୀ ପ୍ରାରମ୍ଭରେ ମରାଠୀ ତାମସା ଉନ୍ନତିର ଚରମ ସୀମାରେ ଉପନୀତ ହୋଇ-ଥିଲା । ଅନନ୍ତ ଫାଣ୍ଡି, ରାମ ଯୋଷୀ, ପ୍ରଭାକର, ବାପୁରାଓ ପ୍ରଭୃତି ଉଚ୍ଚ ବ୍ରାହ୍ମଣ ବଂଶୀୟ କବିମାନେ ବହୁ ତାମସା ରଚନା କରିଥିଲେ । ମହାରାଷ୍ଟ୍ରରେ ବର୍ତ୍ତମାନ ସୁଦ୍ଧା ତାମସା ଜନପ୍ରିୟତା ହରାଇ ନାହିଁ । ଏବେ ସେଠାରେ ପ୍ରାୟ ୮୦୦ ତାମସା ଦଳ ନିୟମିତ ଅଭିନୟ ପ୍ରଦର୍ଶନ କରୁଛନ୍ତି । †

---

* Folk Theatre by Balwant Gargi—The Illustrated Weekly of India, March 28, 1965.

† The Tamasha by Balwant Gargi—The Illustrated Weekly of India, May 2, 1965.

Digitized by srujanika@gmail.com

ମରାଠୀ ତାମସା ଓ ଓଡ଼ିଶୀ ତାମସା ମଧ୍ୟରେ କେତେକ ସାଦୃଶ୍ୟ ପରିଲକ୍ଷିତ ହୁଏ । ଉଭୟର ରଙ୍ଗମଞ୍ଚ ଓ ପ୍ରେକ୍ଷାଳୟ ଏକ ପ୍ରକାର – ଆସରଓ୍ବାଲା ଗାୟକ ଓ ବାଦ୍ୟକାରୀ ଉଭୟରେ ରହି ଥାଆନ୍ତି । ନୃତ୍ୟ ଓ ସଙ୍ଗୀତର ପ୍ରାଧାନ୍ୟ ଦୁଇଟି ଯାକରେ ରହିଛି । ମୋଗଲ ତାମସାର ଗଉଡ଼ୁଣୀ ଭଳି, ମରାଠୀ ତାମସାରେ ଗଣେଶ ଓ ଶିବ-ପାର୍ବତୀଙ୍କ ବନ୍ଦନା ପରେ ପରେ ଗଉଲନ୍ (ଗୋଆଲନ୍) ଆସି ଶ୍ରୀକୃଷ୍ଣଙ୍କ ଗୋପଲୀଳାର ଗୋପୀ ରୂପେ ଅଭିନୟ କରେ । ଏଥିରେ କିନ୍ତୁ ସ୍ତ୍ରୀ ଭୂମିକାରେ ମାଶ୍ରମାନେ ଅଭିନୟ କରନ୍ତି । ଏହାର କଥାବସ୍ତୁ ନାନାପ୍ରକାର ରାଜା, ଜମିଦାର, ବଣିକ ଯୋଦ୍ଧା ପ୍ରଭୃତିଙ୍କ ମଧ୍ୟରେ ସଂଘର୍ଷ, ଦୁଇ ସଉତୁଣୀଙ୍କ କଳିରେ ବିଚରା ସ୍ୱାମୀର ଦୁରବସ୍ଥା, ତଳ ଶ୍ରେଣୀର ଚାକରବାକରମାନଙ୍କର ମଦ୍ୟପାନ ଓ ବେଶ୍ୟାସକ୍ତି କିମ୍ବା କୌଣସି ପୌରାଣିକ ବା ଐତିହାସିକ ଘଟଣା ନେଇ ଅଭିନୟ ହୋଇଥାଏ । ମୋଗଲ ତାମସା ଭଳି ଏଥିରେ ମଧ୍ୟ ରଙ୍ଗରସର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ । ତେଣୁ ଭାଣ୍ଡ ବା ବିଦୂଷକର ଅଭିନୟକୁ ଏହା ପ୍ରାଧାନ୍ୟ ଦେଇଥାଏ ।

ମୋଗଲ ତାମସାକୁ ଲୋକନାଟ୍ୟ ରୂପେ ଗ୍ରହଣ କରାଗଲେ, ରଚନା କାଳ ଦୃଷ୍ଟିରୁ ଏହା ନିଶ୍ଚିତ ରୂପେ ପ୍ରାଥମିକ ସ୍ତରର ଗୀତାଭିନୟ/ଗୀତିନାଟ୍ୟ ବା ଯାତ୍ରା । ବର୍ତ୍ତମାନ ସୁଦ୍ଧା ଜଣା ପଡ଼ିଥିବା ପ୍ରାରମ୍ଭିକ ଯାତ୍ରା ଲେଖକମାନେ କବି ବଂଶୀବଲ୍ଲଭଙ୍କର ପରବର୍ତ୍ତୀ । ମେଦିନୀପୁର ଧାପଲ୍ ଗ୍ରାମର ବନ୍ଧୁ ଯାତ୍ରାର ଲେଖକ ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମ—୧୮୩୨ ମସିହା । ଭଦ୍ରକର ଜଗନ୍ନାଥ ପାଣି (୧୮୩୬—୯୭), କୋଠପଦାର ବୈଷ୍ଣବ ପାଣି (୧୮୮୨—୧୯୫୬) କେନ୍ଦ୍ରାପଡ଼ା ପଳସିଙ୍ଗାର କବି ଗୋପାଳ ଦାସ (୧୮୮୯—୧୯୩୫), ଇତ୍ୟାଦି ଇତ୍ୟାଦି ।

ସଂଳାପ ଓ ଭାଷାବିନ୍ୟାସ

ମୋଗଲ ତାମସା ସଙ୍ଗୀତବହୁଳ ହେଲେ ହେଁ ଏଥିରେ କେତେକ ପରିମାଣରେ ଗଦ୍ୟ ସଂଳାପ ସ୍ଥାନ ଲାଭ କରିଛି । ଅମର ସିଂ, ଲୀଳା, ସୁଆଙ୍ଗ ପ୍ରଭୃତିରେ ଏ ଭଳି ଗଦ୍ୟ ସଂଳାପ ନ ଥିଲା । ଯେଉଁ ଶ୍ରେଣୀର ପାତ୍ରପାତ୍ରୀଙ୍କ ମୁଖରେ ଯେ ଭଳି ସଂଳାପ ସୁନ୍ଦର ଓ ସ୍ୱାଭାବିକ, କବି ସେହିଭଳି ବ୍ୟବହାର କରିଛନ୍ତି । ଝାଡ଼ୁଓ୍ବାଲା, ଫରାସ୍ ହୁକାଓ୍ବାଲା, ଭାଟ, ଗଉଡ଼ୁଣୀ ପ୍ରଭୃତିଙ୍କ ମୁଖରେ ସ୍ଥଳ ବିଶେଷରେ ପଦାଳି ବା ପଦ୍ୟାତ୍ମକ ବଚନିକାମାନ ଦିଆଯାଇଛି । ମିର୍ଜାସାହେବଙ୍କ ମୁଖରେ ଫାର୍ସୀଭାଷା, ତାଙ୍କର ସେବାକାରୀ ନୌକର-ଚାକରଙ୍କ ମୁଖରେ ଫାର୍ସୀ, ହିନ୍ଦି, ଉର୍ଦ୍ଦୁ ଓ ବଙ୍ଗଳା ଭାଷା, ଜମିଦାର, ଗୁମାସ୍ତା, ଗଉଡ଼ୁଣୀ ପ୍ରଭୃତିଙ୍କ ମୁଖରେ ଓଡ଼ିଆ ଭାଷା ଦେଇ କବି ବଂଶୀବଲ୍ଲଭ ସଂସ୍କୃତ ନାଟକର ପରମ୍ପରା ଅନୁସରଣ କରିବା ସଙ୍ଗେ ସଙ୍ଗେ ନାଟ୍ୟାଭି-

Digitized by srujanika@gmail.com

ନମୁର ପ୍ରାକୃତିକତା ଓ ଚମତ୍କାରିତା ରକ୍ଷା କରିଛନ୍ତି । ତାମସାର ମୂଳରୁ ଚୂଳ ପର୍ଯ୍ୟନ୍ତ ବନ୍ଧନୀ ଚିହ୍ନ ମଧ୍ୟରେ ପ୍ରଦତ୍ତ ମଞ୍ଚ-ନିର୍ଦ୍ଦେଶ ସମ୍ଭବତଃ ଗ୍ରନ୍ଥ ସଂପାଦକଙ୍କର; ପାଠକମାନେ ତାକୁ ବଂଶୀବଲ୍ଲଭଙ୍କର ବୋଲି ଭୁଲ୍ ବୁଝିବେ ନାହିଁ । ପାଣ୍ଡୁଲିପି ଗୁଡ଼ିକରେ ସେପରି କୌଣସି ମଞ୍ଚ-ନିର୍ଦ୍ଦେଶ ଦିଆଯାଇ ନ ଥିବାର ଦେଖାଯାଏ ।

ଫାର୍ସୀ ଭାଷା-ଅନଭିଜ୍ଞ ଅଭିନେତାମାନଙ୍କ ମୁଖରେ ଉଚ୍ଚାରିତ ହେଉଥିବାରୁ କାଳକ୍ରମେ ତାମସାର ଶୁଦ୍ଧ ଫାର୍ସୀ, ଉର୍ଦ୍ଦୁ ଆଦି ଭାଷା ମିଶ୍ର ଓ ବିକୃତ ହୋଇ ପଡ଼ିଛି । ତଦୁପରି ବିଭିନ୍ନ ସମୟରେ ଏଥିରେ ପ୍ରବେଶ କରି ଯାଇଛି ପ୍ରକ୍ଷିପ୍ତ ରଚନା । ତେଣୁ କେତେକ ସ୍ଥଳରେ ତାମସାର ଗଦ୍ୟ ସଂଳାପ ଓ ସଙ୍ଗୀତାଂଶର ଅର୍ଥ ଗ୍ରହଣ କରିବା କଷ୍ଟକର ହେଉଛି । ଭଦ୍ରକ କଲେଜର ଉର୍ଦ୍ଦୁ ଭାଷା ଓ ସାହିତ୍ୟର ଅଧ୍ୟାପକ କାକୋଭି ସାହେବ ଓ ଇଂରାଜୀ ଅଧ୍ୟାପକ ଅବଦୁଲ୍ ନବି ସାହେବ ବିକୃତ ଫାର୍ସୀଭାଷାର ଟୀକା ବା ଭାବାର୍ଥ କରିବାରେ ମୋତେ ବିଶେଷ ସାହାଯ୍ୟ କରିଛନ୍ତି । ସେମାନଙ୍କ ଋଣ ଶୁଝି ପାରିବି ନାହିଁ ।

ମୁସଲମାନ ତଥା ମରହଟ୍ଟା ଶାସନ କାଳରେ ଓଡ଼ିଶାର ରାଜ୍ୟ-ଭାଷା ଫାର୍ସୀ ଥିଲା । ଏପରି କି ଇଂରେଜ ରାଜତ୍ୱ କାଳରେ ମଧ୍ୟ ୧୮୩୮ ମସିହା ପର୍ଯ୍ୟନ୍ତ ଏ ଭାଷାର ପ୍ରଭାବ ଊଣା ହୋଇ ନ ଥିଲା । ସମଗ୍ର ଭାରତବର୍ଷରେ ମୁସଲମାନ ଓ ମରହଟ୍ଟା ରାଜତ୍ୱ କାଳରେ ଫାର୍ସୀ, ଆରବୀ ଆଦି ଭାଷା ଶିକ୍ଷା କରିବା ଏକ ସାଧାରଣ ରୀତି ଥିଲା କହିଲେ ଚଳେ । ସେଥିପାଇଁ ଆମ ଜ୍ୟୋତିଷ ଶାସ୍ତ୍ରରେ ତିଥି-ବାର-ନକ୍ଷତ୍ର ପର୍ଯ୍ୟନ୍ତ ନିର୍ଣ୍ଣୟ କରି ଦିଆ ଯାଇଥିଲା :—

ଜ୍ୟେଷ୍ଠାଶ୍ଳେଷା ମଘା ମୂଳା ରେବତୀ ଭରଣୀ ତଥୈବ ।
ବିଶାଖାର୍ଦ୍ରୋତ୍ତରାଷାଢ଼ା ଶତଭେ ପାପବାସରେ ।
ଲଗ୍ନେ ସ୍ଥିରେ ସଚନ୍ଦ୍ରେ ଚ ପାରସୀମାରଭେତ୍ ପଠେତ୍ ॥

— ଗଣପତି : ମୁହୂର୍ତ୍ତ ଚିନ୍ତାମଣି

ଏହି ଫାର୍ସୀ ଭାଷାରେ ସରକାରୀ କାଗଜପତ୍ର ଓ କୋର୍ଟ କଚେରୀ କାର୍ଯ୍ୟ ସେତେବେଳେ ପରିଚାଳିତ ହେଉଥିଲା । ଦେଶର ସଭ୍ୟ, ସମ୍ଭ୍ରାନ୍ତବଂଶୀୟ ଲୋକେ ଏଥିରେ କଥାବାର୍ତ୍ତା କରିବା ପାଇଁ ଗୌରବ ମନେ କରୁଥିଲେ । ରାଜା ରାମମୋହନ ରାୟ (୧୭୭୨— ୧୮୩୩) ଘରେ ମୌଲବୀ ନିଯୁକ୍ତ କରି ରୀତିମତ ଫାର୍ସୀ ଶିକ୍ଷା କରିଥିବାର ଜଣା

Digitized by srujanika@gmail.com

ପଡ଼େ । ୧୭୫୭ ମସୀହା ଫେବୃଆରୀ ୨୩ ତାରିଖରେ କଲିକତାର ଇଷ୍ଟଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ସରକାରୀ କାଗଜ ପତ୍ରରେ ବ୍ୟବହାର କରିବା ସକାଶେ ଶୁଦ୍ଧ ଫାର୍ସୀ ଭାଷା ଶିକ୍ଷା କରିବା ପାଇଁ ପ୍ରତି ବର୍ଷ ଦୁଇ ଜଣ କରି କର୍ମଚାରୀଙ୍କୁ ବସୋରା ପଠାଇବାକୁ କୋର୍ଟ ଅବ୍ ଡିରେକ୍ଟରସଙ୍କୁ ଲେଖିଥିଲେ । † ଏହି ପୃଷ୍ଠଭୂମିରେ ସେତେବେଳେ ଓଡ଼ିଶା ତଥା ଭଦ୍ରକରେ ଫାର୍ସୀ ଭାଷା ଚର୍ଚ୍ଚା ହେଉଥିବା ଏକାନ୍ତ ସ୍ୱାଭାବିକ । ସପ୍ତଦଶ, ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ସୃଷ୍ଟି ହୋଇଥିବା ଓଡ଼ିଆ ସାହିତ୍ୟରୁ ଏହାର ସୂଚନା ମିଳିଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଆରବୀ-ଫାର୍ସୀ ଭାଷାର ଅଭିଧାନ ସଂକଳନ-ରୀତି ଅନୁସରଣ କରି 'ଗୀତାଭିଧାନ' ରଚନା କରିଛନ୍ତି ବୋଲି ଗବେଷକ ପଣ୍ଡିତମାନେ ମତ ଦିଅନ୍ତି । କବି ଅଭିମନ୍ୟୁ ସାମନ୍ତ ସିଂହାର, କବିସୂର୍ଯ୍ୟ ବଳଦେବ ରଥ, କବି ବ୍ରଜନାଥ ବଡ଼ଜେନା ପ୍ରଭୃତିଙ୍କର କାବ୍ୟ କବିତାରେ ଫାର୍ସୀ-ଆରବୀ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ ।

ଓଡ଼ିଆ ଭାଷା ଫାର୍ସୀ-ଆରବୀ ଦ୍ୱାରା କିପରି ପ୍ରଭାବିତ ହୋଇଛି, ତାହା ନିମ୍ନ ଦୁଇଟି ଦୃଷ୍ଟାନ୍ତରୁ ସ୍ପଷ୍ଟ ପ୍ରତୀୟମାନ ହେବ । ଓଡ଼ିଶା ମ୍ୟୁଜିୟମ୍ ପୋଥି ବିଭାଗରେ 'ଖୋଦା ପ୍ରଶ୍ନ ବା ପୀର ସାହେବଙ୍କ ପ୍ରଶ୍ନ' ନାମକ ଏକ କ୍ଷୁଦ୍ର ତାଳପତ୍ର ପୋଥି ରହିଛି (ପୋଥି କ୍ୟାଟ୍‌ଲଗ୍ ନମ୍ବର—ଓଡ଼ିଆ ଗଦ୍ୟ ୨୧) । ଏହାର ଲେଖକଙ୍କ ନାମ ବା ଲେଖା ସମୟ କେଉଁଠି ଉଲ୍ଲେଖ କରା ଯାଇ ନାହିଁ । ପୁରୁଣା ତାଳପତ୍ର ଓ ଲେଖନ ଶୈଳୀ ଦୃଷ୍ଟିରୁ ବିଚାର କଲେ, ଗ୍ରନ୍ଥଟି ୧୫୦।୨୦୦ ବର୍ଷ ତଳର ଲେଖା ବୋଲି ମନେ ହୁଏ । 'ଖୋଦା ପ୍ରଶ୍ନ' ଆମର ବହୁ ଜନାଦୃତ 'ହନୁମାନ ପ୍ରଶ୍ନ' ଭଳି ଏକ ଗ୍ରନ୍ଥ । ଏହାର ପ୍ରାରମ୍ଭ ଭାଗର ପାଠ ଏହିପରି :-"ଶ୍ରୀ ପିରସାହେବଙ୍କ ପ୍ରସନ । ହୁକୁମୁ କରିଛନ୍ତି । ସତ୍ କହିବାକୁ । ପ୍ରସନ ଯାହା କହିବ । ତାହା × × × ତାହାଙ୍କ ଆଜ୍ଞାରେ । କାମ ଫତେ ହେବ । × × ପାନ ପାଠ୍ୟେ । କଦଳୀ ପାଞ୍ଚ ଗୋଟି ।। ସେୟୁତେକ ହେବ । ପିରଙ୍କୁ ସଲାମ କରିବ । × × ନ କରାଇବ । ପିରଙ୍କୁ ଫାତିହା ଦେଲାବେଳେ ମନେ କରିବ । କାମ ଫତେ କରିବ । ଶ୍ରୀ ପିର ସାହେବଙ୍କ ହୁକୁମରେ କାମ ଫତେ ହୋଇବ ।" ଇତ୍ୟାଦି, ଇତ୍ୟାଦି ।

---

* Selections from Unpublished Records of Govt. relating mainly to the Social Condition of Bengal in the last century— Ed. by J. Long (1869)—Page 90-91.

Digitized by srujanika@gmail.com

୧୮୨୩ ମସିହାରେ ଭଦ୍ରକରେ ଦଲିଲ୍ କରା ଯାଇଥିବା ଏକ କବାଲାର ଭାଷା :—

ମୋଟ ଜମି ମା ୮।୨୩/୪ ବାବଦ ୧୨୩ / ଟଙ୍କା-ଅଣାରେ ବୃତ୍ତି ପାଇଲା । ଭଦ୍ରକ କାଜୀ ଅଫିସ୍ ଅଧୀନରେ ସିଲ୍-ମୋହର ସହିତ ୧୮୨୩ ମସିହା ସେପ୍ଟେମ୍ବର ୨୩ ତାରିଖରେ ଏ ଦଲିଲ୍ କରାଗଲା ।

ଉପରେ ଫାର୍ସୀ ଲିପି ଓ ଭାଷାରେ ଯେଉଁ ୮ଟି ଧାଡ଼ି ଲେଖା ରହିଛି, ତାହାର ଅର୍ଥ—

"ବିର ଶ୍ରୀ ଗଜପତି ଗଉଡେଶ୍ୱର ନବକୋଟି କର୍ଣାଟ କଲବର୍ଗେଶ୍ୱର ବିରାଧି ବିରବର ପ୍ରତାପ ଶ୍ରୀରାମଚନ୍ଦ୍ର ଦେଭ ମହାରାଜାଙ୍କ ବିଜେ ସୁଭ ରାଜ୍ୟେ ବର୍ଧମାନେ ସମସ୍ତ ଅଙ୍କ ମ୍ ୧୨୩୧ ସାଲେ କନ୍ୟା ଦିବସେ ଛତିସି ବସେ ଉତ୍ତାରପୁର ବୃନ୍ଦାବନଗରେ ଥିତ ଶ୍ରୀମଧୁ ଦାସ ଓ ଗଙ୍ଗାଧର ପଣ୍ଡା ଦୁଇ ଜଣକୁଂ ଏହି ତସେ ପାଟପୁର ସାସନରେ ଥାଇ ଶ୍ରୀ ଗଦାଧର ମିସ୍ର ଓ ବିଦ୍ୟାଧର ମିସ୍ର ଓ ଦିବାକର ମିସ୍ର ତିନିଜଣଙ୍କର ଦେଲୁ ନାଖିରାଜ ବୃତ୍ତି ବିକା କବାଲ୍ ଆଗେ ଏ ନିମନ୍ତେ କବାଲ୍ ଲେଖିଦେଲୁ ଆମ୍ଭମାନଙ୍କ ଖଇରାତ ଜଳ ଜମି ସରକାର ଭଦରଖ ମଉଜେ ବେଲପାଳ ପରଗଣେ ଧମନଗରରେ ସାତ ମା ୭।୨୩/୪ ମାଣ ତେଇସି ଗୁଣ୍ଠ ଦୁଇ ବିସ୍ୱା ଚଉସି ଦସ୍ତି ପଦକାରେ ରସିଦ ବମୋଜବ ତୁମ୍ଭକୁ ବିକଲୁ ବିକ ନଗଦ ଟଙ୍କାଂ କଳସିକା ଟ ୧୨୩ / ସଏ ତେଇସି ଟଙ୍କାଂ ଅଣାସ୍ତେ ବୃତ୍ତୀ ନେଲୁ. ବୃତ୍ତୀ ନେଇ ଏ ଜମି ବିକଲୁଂ ତୁମ୍ଭେ ଏ ଜମି ଆଜଠାରୁ ଅମଳ ଦଖଲ କରିବ ତରୁଭୁତ ଆବାଦ ବଗିରୁ ପଟଣା ବନାଇ ନାନାଦି ଖନ୍ଦ କରି ଅମଲ କରିବ ନିଧି ପାସାଣ ସହିତେ ଭୋଗ ଦଖଲ କରିବ ଏ ବୃତ୍ତିରେ ଆମ୍ଭେ ଆମ୍ଭ ଭାଇ ପୋସ୍ୟ ଜେ କେହି ଦାବି କଲେ ଅପ୍ରମାଣ ଏ ବୃତ୍ତି ତୁମ୍ଭେ ଜାବତ ଚନ୍ଦ୍ରାର୍କେ ଭୋଗ ଦଖଲ କରିବ ଏ ପ୍ରମାଣ ଏ ବୃତ୍ତି ନାଖିରାଜ ବିକା କବାଲ୍ ଗଦାଧର ମିସ୍ର ଓ ବିଦ୍ୟାଧର ମିସ୍ର ଦିବାକର ମିସ୍ର ତିନିଜଣଙ୍କର ପ୍ରମାଣ ସହି ୦୪୦୦ ଏ କୁସବିଟ୍ଟ ସନ୍ତକ ତିନି ଜଣଙ୍କର ସହି ।" *

ଊନବିଂଶ ଶତାବ୍ଦୀ ସପ୍ତମ ଦଶକ ପର୍ଯ୍ୟନ୍ତ ଫାର୍ସୀ-ଆରବୀ ଭାଷାର ଶକ୍ତିଶାଳୀ ପ୍ରଭାବରୁ ଓଡ଼ିଆ ଭାଷା ଆପଣାକୁ ମୁକ୍ତ କରି ପାରି ନ ଥିଲା ; ସେଥିପାଇଁ ୧୮୭୧ ମସିହା

---

* ବାଲେଶ୍ୱର ଜିଲା ରେଜିଷ୍ଟ୍ରେସନ୍ ରେକର୍ଡ୍ ରୁମ୍‌ରେ ଥିବା ଭଦ୍ରକର କାଜୀ ରେଜିଷ୍ଟର -୧ମ ଖଣ୍ଡ(୧୮୨୦—୨୫)ରୁ ଗୃହୀତ । ଏହି ରେଜିଷ୍ଟର ପୁରୁଣା ହାତ-ତିଆରି କାଗଜରେ ଲେଖା—ବେଶି ଭାଗ ଫାର୍ସୀ ଲିପି ଓ ଭାଷାରେ ; ଓଡ଼ିଆ ଲିପି ଓ ଭାଷାରେ ଲେଖା କମ୍ ।

Digitized by srujanika@gmail.com

ଡ଼ିସେମ୍ବର ୪ ତାରିଖରେ ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର କାମ୍ବଲ ସାହେବ ପ୍ରାଦେଶିକ ଭାଷାଗୁଡ଼ିକୁ ବିଶୁଦ୍ଧ କରିବା ମାନସରେ ଉର୍ଦ୍ଦୁ, ଫାର୍ସୀ, ଆରବୀ ପ୍ରଭୃତି ଭାଷା କବଳରୁ ମୁକ୍ତ କରିବା ପାଇଁ ଉଦ୍ୟମ କରିଥିଲେ । 'ଉତ୍କଳ ଦୀପିକା' ସେତେବେଳେ ଏ ସଂପର୍କରେ ମନ୍ତବ୍ୟ ପ୍ରକାଶ କରି ଲେଖିଛନ୍ତି—"ଶ୍ରୀଯୁକ୍ତ କାମ୍ବଲ ସାହେବ ବୋଲନ୍ତି ଯେ ପାରସ୍ୟ ଭାଷା କଚେରିରୁ ବହୁକାଳରୁ ଉଠି ଯାଇଅଛି ଓ ପୁରାତନ ମୁନ୍‌ସିମାନେ ଦେଶୀୟ ଭାଷାରେ ଯେ ବହୁ ପରିମାଣରେ ପାରସ୍ୟ ଓ ଆରବ୍ୟ ଭାଷା ମିଶ୍ରିତ କରିଥିଲେ, ତାହା ମଧ୍ୟ ନିଷେଧ ହୋଇଅଛି । ତଥାପି ଏ ଭାଷା ଉକ୍ତ ବିଭାଗର କଚେରି ଓ ବିଦ୍ୟାଳୟରେ ପ୍ରଚଳିତ ଅଛି । × × × ପାରସ୍ୟ ଅତି ସୁନ୍ଦର ଭାଷା ଅଟଇ ଓ ଶୁଦ୍ଧ ରୂପେ ତହିଁର ଶିକ୍ଷା ଦେବାକୁ ଲେଫ୍‌ଟେନଣ୍ଟ ଗଭର୍ଣ୍ଣର ଅସମ୍ମତ ନୁହନ୍ତି, ମାତ୍ର ପାରସ୍ୟ ଶବ୍ଦରେ ହିନ୍ଦୀ ବିଭକ୍ତି ଓ କ୍ରିୟାଦି ଯୋଗ କରି ଯେଉଁ ଭାଷା ହେଉଅଛି, ତାହା ଅତ୍ୟନ୍ତ ଘୃଣିତ ଅଟଇ ।" †

ଏହି ପରିବେଶରେ କବି ବଂଶୀବଲ୍ଲଭ ଫାର୍ସୀ ଭାଷା ଓ ସାହିତ୍ୟ ଅଧ୍ୟୟନ କରି ତହିଁରେ ନିପୁଣତା ଅର୍ଜନ କରିଥିବାର ଜଣା ପଡ଼େ । ସେଥିପାଇଁ ସେ ଫାର୍ସୀ, ଉର୍ଦ୍ଦୁ, ହିନ୍ଦୀ ଭାଷା ବିନ୍ୟାସ କରି ଅନାୟାସରେ ତାମସାଗୁଡ଼ିକ ରଚନା କରି ପାରିଥିଲେ । ରାଜକର୍ମଚାରୀ ଓ ସମ୍ଭ୍ରାନ୍ତବଂଶୀୟ ଲୋକମାନଙ୍କ କଥା ବାଦ୍ ଦେଲେ, ସେତେବେଳେ ସାଧାରଣ ଜନତା ମଧ୍ୟ ଫାର୍ସୀ, ଉର୍ଦ୍ଦୁ ଆଦି ଭାଷା ସହିତ ପରିଚିତ ଥିଲେ । ତାହା ନ ହୋଇଥିଲେ, କବି ବଂଶୀବଲ୍ଲଭ ଆଉ କାହାପାଇଁ ତାମସା ରଚନା କରି ଥାଆନ୍ତେ !

ଇସଲାମୀ ସାହିତ୍ୟ

ଓଡ଼ିଶାରେ ଇସଲାମୀ ବା ମୁସଲମାନୀ ସାହିତ୍ୟ କେତେକ ପରିମାଣରେ ସୃଷ୍ଟି ହୋଇଛି । କବି ବଂଶୀବଲ୍ଲଭଙ୍କ ତାମସା ସମୂହକୁ ଏହି ଇସଲାମୀ ସାହିତ୍ୟର ଅନ୍ତର୍ଭୁକ୍ତ କରି ଯାଇପାରେ । ଏଠାରେ ଇସଲାମୀ ସାହିତ୍ୟ ବୋଇଲେ—ଫାର୍ସୀ ଆରବୀ, ଉର୍ଦ୍ଦୁ ଆଦି ଭାଷାର ରଚିତ ବିଭିନ୍ନ ଗ୍ରନ୍ଥର ଓଡ଼ିଆ ଅନୁବାଦ ବା ଅନୁସରଣ, ଉର୍ଦ୍ଦୁ ମାତୃଭାଷା ଥିବା ଇସଲାମ୍ ଧର୍ମାବଲମ୍ବୀ ବ୍ୟକ୍ତିମାନଙ୍କ ଦ୍ୱାରା ରଚିତ ଓଡ଼ିଆ ଗ୍ରନ୍ଥ କିମ୍ବା ମୁସଲମାନୀ କଥାବସ୍ତୁ ଓ ରଚନା ଶୈଳୀ ଅବଲମ୍ବନରେ ସୃଷ୍ଟି ହୋଇଥିବା ଓଡ଼ିଆ ସାହିତ୍ୟକୁ ବୁଝା ଯାଉଛି ।

୧୫୬୮ ମସୀହାରେ ଉତ୍କଳର ସ୍ୱାଧୀନତା ଲୋପ ପାଇଲା ପରେ ପ୍ରାୟ ଦୁଇ ଶହ ବର୍ଷ କାଳ ଏଠାରେ ମୁସଲମାନ ଶାସନ ପ୍ରଚଳିତ ଥିଲା । ସେତିକିବେଳେ

† ଉତ୍କଳ ଦୀପିକା—ଡିସେମ୍ବର ୨୩ ତାରିଖ, ୧୮୭୧ ମସୀହା—ପୃଷ୍ଠା ୧୯୪-୧୯୫ ।

Digitized by srujanika@gmail.com

ଓଡ଼ିଆ ଭାଷା ଉପରେ ମୁସଲମାନୀ ଭାଷା (ଫାର୍ସୀ, ଆରବୀ, ଉର୍ଦ୍ଦୁ ଆଦି)ର କିପରି ପ୍ରଭାବ ପଡ଼ିଥିଲା, ତାହା ପୂର୍ବରୁ ଦର୍ଶାଇ ଦିଆ ଯାଇଛି । ବର୍ତ୍ତମାନ ପ୍ରଶ୍ନ ହେଉଛି— ଏହି ଦୁଇ ତିନି ଶହ ବର୍ଷ ମଧ୍ୟରେ ଓଡ଼ିଶାରେ କି କି ଇସଲାମୀ ସାହିତ୍ୟ ସୃଷ୍ଟି ହୋଇଛି ? କବି ଦୀନକୃଷ୍ଣ ଦାସ, ଧନଞ୍ଜୟ ଭଞ୍ଜ, ଭୂପତି ପଣ୍ଡିତ, କବିସମ୍ରାଟ ଉପେନ୍ଦ୍ର, ଅଭିମନ୍ୟୁ ସାମନ୍ତସିଂହାର, ଭକ୍ତଚରଣ ଦାସ ପ୍ରମୁଖ ଯେତେବେଳେ ଓଡ଼ିଆ କାବ୍ୟକବିତା ରଚନାରେ ମନୋନିବେଶ କରିଥିଲେ, ସେତେବେଳେ 'ରାଜାନୁଗତୋ-ଧର୍ମଃ' ନିୟମରେ କିଏ କିଏ ଇସଲାମୀ ସାହିତ୍ୟ ସୃଷ୍ଟିରେ ଯତ୍ନବାନ ହୋଇଥିଲେ ?

ଭାରତୀୟ ପୃଷ୍ଠଭୂମି ଓ ପରଂପରା ଏଥିପାଇଁ ଅନୁକୂଳ ଥିଲା—ପୁରାଣ ଓ କୋରାନ ମଧ୍ୟରେ ମୈତ୍ରୀ ସ୍ଥାପିତ ହୋଇଥିଲା—ହିନ୍ଦୁ ଓ ଇସଲାମ ସଂସ୍କୃତି ମଧ୍ୟରେ ଆଦାନ ପ୍ରଦାନ ଆରମ୍ଭ ହୋଇ ଯାଇଥିଲା । ବିପୁଳ ଇସଲାମୀ ସାହିତ୍ୟ ଭାରତୀୟ ସାହିତ୍ୟକୁ ପ୍ରଭାବିତ କରୁଥିଲା । ୧୪୫୧ ମସିହାରେ ଶ୍ରୀବର କବି ମୁସଲମାନୀ 'ୟୁସୁଫ ଓ ଯୁଲେକା' କାହାଣୀ ଅବଲମ୍ବନରେ 'କଥାକୌତୁକ' ନାମକ ପଞ୍ଚଦଶ ଅଧ୍ୟାୟ-ବିଶିଷ୍ଟ ଏକ ସଂସ୍କୃତ କାବ୍ୟ ରଚନା କରିଥିଲେ । * ଆରବ୍ୟ କାହାଣୀ, ପାରସ୍ୟ ଉପନ୍ୟାସ, ଲୟଲା ମଜନୁ, ଶୀରିଁ ଫରିହାଦ, ହାତେମ୍ ତାଇ, ଗୁହାର ଦରବେଶ୍, ଗୋଲେବକାଓଲି ପ୍ରଭୃତି ବିଭିନ୍ନ ଭାରତୀୟ ଭାଷାରେ ରୂପ ଲାଭ କରିଥିଲା । ଅପର ପକ୍ଷରେ ମୋଗଲ ସମ୍ରାଟ ଆକବର (୧୫୫୬-୧୬୦୫) ଜଣେ ଉଦାରମନା ସାହିତ୍ୟ-ରସିକ ଥିଲେ ଏବଂ ଭାରତୀୟ ରାମାୟଣ, ମହାଭାରତ, ଅଥର୍ବବେଦ, ବତିଶ ସିଂହାସନ, ନଳ ଦମୟନ୍ତୀ କଥା ପ୍ରଭୃତି ଫାର୍ସୀ ଭାଷାରେ ତର୍ଜମା କରାଇଥିଲେ । † ଫାର୍ସୀ ଭାଷାଭିଜ୍ଞ ଅନୁବାଦକମାନଙ୍କୁ ଏ ସବୁ ଗ୍ରନ୍ଥର ଅର୍ଥ ବୁଝାଇବା ପାଇଁ ହିନ୍ଦୁ ପଣ୍ଡିତମାନଙ୍କୁ ନିଯୁକ୍ତ କରା ଯାଇଥିଲା । ସମ୍ରାଟ ସାଜାହାନଙ୍କ ପୁଅ ଦାରାସିକୋ ସଂସ୍କୃତ ସାହିତ୍ୟରେ ସୁପଣ୍ଡିତ ଥିଲେ ଏବଂ ଫାର୍ସୀ ଭାଷାରେ କେତେକ ଉପନିଷଦର ତର୍ଜମା କରିଥିଲେ । ବଙ୍ଗଳା-ଓଡ଼ିଶାର ନାଜିମ୍ ନବାବ ମୁର୍ଶୀଦ କୁଲି ଖାଁ (୧୭୦୪—୨୫) ବହୁ ବିଦ୍ୱାନ୍ ପଣ୍ଡିତ, କବି ଓ ସଙ୍ଗୀତଜ୍ଞମାନଙ୍କୁ ରାଜଧାନୀରେ ପ୍ରତିପୋଷଣ କରୁଥିଲେ । † ଏହାଙ୍କ ଅମଳରେ କଟକର କଦମ ରସୁଲ ମସଜିଦ୍ ନିର୍ମାଣ (୧୭୧୨) ଏବଂ ସତ୍ୟପୀର ପାଲାର ପ୍ରଚଳନ ହୋଇଥିଲା । ‡

---

* A History of the Sanskrit Literature by Dr. V. Varadachari, Allahabad (1960), Page 122.

† ଭାରତେର ଶିକ୍ଷା—(ଇସଲାମୀୟ) ଅଧ୍ୟାପିକା କଲ୍ୟାଣୀ କାର୍ଲେକର, ଜିଜ୍ଞାସା—କଲିକତା (୧୩୬୫), ପୃଷ୍ଠା ୧୦୨—୧୧୧

‡ ଓଡ଼ିଶା ଇତିହାସ—ଡକ୍ଟର ହରେକୃଷ୍ଣ ମହତାବ, ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ (୧୯୪୮) —ପୃଷ୍ଠା ୨୩୦

Digitized by srujanika@gmail.com

ଓଡ଼ିଶାରେ ଇସଲାମୀ ସାହିତ୍ୟ ସୃଷ୍ଟିରେ ସର୍ବ ପ୍ରଥମେ କବି ସାଲବେଗଙ୍କର ଅବଦାନ ସ୍ମରଣୀୟ । ସପ୍ତଦଶ ଶତାବ୍ଦୀର ଏହି ମୁସଲମାନ କବି ବୈଷ୍ଣବ ଧର୍ମ ଗ୍ରହଣ କରି ରାଧାକୃଷ୍ଣ ପ୍ରେମମୂଳକ ବହୁ ସଙ୍ଗୀତ ଓ ଜଣାଣ ରଚନା କରିଥିଲେ । ତାଙ୍କର 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ' କିମ୍ବା 'ସଖୀ, କୁଞ୍ଜବନେ ବଂଶୀ କେ ବଜାଇଲା ଗୋ' ପ୍ରଭୃତି ସଙ୍ଗୀତ ଓଡ଼ିଶାରେ ଆଜିସୁଦ୍ଧା ଜନପ୍ରିୟ ହୋଇ ରହିଛି । ସାଲବେଗଙ୍କ ପରେ ଅଷ୍ଟାଦଶ ଶତାବ୍ଦୀର କବି ବଂଶୀବଲ୍ଲଭଙ୍କର ସ୍ଥାନ । ସେ ହିନ୍ଦୁ ହୋଇ ମଧ୍ୟ ଫାର୍ସୀ, ଉର୍ଦ୍ଦୁ ଭାଷାରେ ମୁସଲମାନୀ କଥାବସ୍ତୁ ପରିବେଷଣ କରିବାକୁ ଯାଇ ମୋଗଲ ତାମସାହି ରଚନା କରିଛନ୍ତି ।

ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କୌଣସି ଇସଲାମୀ ସାହିତ୍ୟ ସ୍ରଷ୍ଟା ପ୍ରାଚୀନ କାଳରେ ଥିଲେ କି ନା, ତାହା ଜାଣିବା ଗବେଷଣା-ସାପେକ୍ଷ । ପରବର୍ତ୍ତୀ କାଳରେ କେତେକ ଇସଲାମୀ ସାହିତ୍ୟ ଗ୍ରନ୍ଥ ରଚିତ ଓ ମୁଦ୍ରିତାକାରରେ ପ୍ରକାଶିତ ହୋଇଛି । ଅନୁସନ୍ଧାନ ଫଳରେ ମୁଁ ଯେତିକି ପାଇଛି, ତାହା ନିମ୍ନରେ ଉଲ୍ଲେଖ କରୁଛି :—

୧ । ପ୍ରବୋଧ ବାକ୍ୟ (ପନ୍ଦନାମା ବା କରିମା)—୧୮୯୯ ମସୀହାରେ ବାଲେଶ୍ୱର ଜିଲାର ଜମିଦାର ଭୂୟାଁ ଅବଦୁଲ ମଜିଦ୍ ହାଜୀ ସାହେବଙ୍କ ଦ୍ୱାରା ଅନୂଦିତ । ମୂଳ ରଚନା—ଫାର୍ସୀ କବି ସେଖ୍ ଶାଦି ।

୨ । ମନୋହର ଉପନ୍ୟାସ ବା ଜୋଙ୍ଗୀର ଗଳ୍ପ—କଟକର ଉତ୍କଳ ହିତୈଷିଣୀ ପ୍ରେସ୍ (୧୮୯୯)

୩ । ଆଶ୍ଚର୍ଯ୍ୟ ଘଟଣା (ହୈରତ୍ ଅଫଜା ଅନୁସରଣରେ)— ମୂଳ ରଚନା କାଶିମ ଅଲ୍ଲି (୧୮୬୨), ଓଡ଼ିଆ ଲେଖା—ସେଖ୍ ଅବଦୁଲ୍ ଅଜିଜ୍ ଆଶିକ (୧୯୦୨)

୪ । ବେନଜିର ଓ ବଦ୍ରେମନିର ବା ପ୍ରଣୟ ପୁଷ୍ପମଞ୍ଜରୀ— ମୂଳ ରଚନା ମୀର୍ ହସନ୍ (ଷୋଡ଼ଶ ଶତାବ୍ଦୀର ଶେଷ ଭାଗ), ଓଡ଼ିଆ ତର୍ଜମା— ସୟଦ୍ ଉମର ଅଲ୍ଲି ।

୫ । ପଠାଣ ସୁଆଙ୍ଗ—ଶ୍ରୀ ଲକ୍ଷ୍ମୀନାରାୟଣ ଦାସ (୧୯୧୨ ମସୀହା ପୂର୍ବର ଲେଖା), ମୋଗଲ ତାମସା ସହିତ ଏହାର କେତେକ ଆଶ୍ଚର୍ଯ୍ୟଜନକ ସାଦୃଶ୍ୟ ରହିଛି ।

୬ । ଆରବ୍ୟ ଉପନ୍ୟାସ —(୧୯୦୨ ମସୀହା ପୂର୍ବରୁ ପ୍ରକାଶିତ)

୭ । ଚନ୍ଦ୍ରମୁଖୀ ହରଣ ସୁଆଙ୍ଗ (ଆଲେଫ୍ ଲଏଲାରୁ କଥାବସ୍ତୁ ଗୃହୀତ)— ସେଖ୍ ସୁଲତାନ ମହମ୍ମଦ (୧୯୧୪)

୮ । ପାରସ୍ୟ ଉପନ୍ୟାସ—ମୌଲବୀ ସୟଦ୍ ଅବଦୁଲ ଜଲିଲ (୧୯୨୦)

Digitized by srujanika@gmail.com

୯ । ଇନ୍ଦ୍ରସଭା ନାଟକ — କବି ଅମାନତ୍ (ମୁନସୀ ହକିମ୍ ଶେଖ୍ ଅବଦୁଲ ଅଜିଜ୍ ଆଶକ୍‌ଙ୍କ ଦ୍ୱାରା ଅନୁଲିଖିତ) — କଟକ (୧୯୩୧)

୧୦ । ରସୁଲ ପ୍ରଶଂସା—ମୁନସୀ ହକିମ୍ ଶେଖ୍ ଅବଦୁଲ ଅଜିଜ୍ ଆଶକ୍ (୧୯୩୧)

୧୧ । ହଜରତ୍ ମହମ୍ମଦ—ଶେଖ୍ ଖୋଦାବକ୍‌ସ, କଟକ (୧୯୩୭)

୧୨ । ଇସ୍‌ଲାମ ଗୀତିକା —ଶେଖ୍ ଖୋଦାବକ୍‌ସ କଟକ (୧୮୬୮)

ଏହା ବ୍ୟତୀତ ବହୁ ପୁସ୍ତିକାର ରଚୟିତା ଏସ୍: ଏ: ହମିଦ୍, ମୌଲଭୀ ସେଖ୍ ନଜର ମହମ୍ମଦ, ସେଖ କରିମ୍ , ଅସରଫ୍ ଅଲୀ (ବାଲେଶ୍ୱରର ପ୍ରସିଦ୍ଧ କବି ଓ ପ୍ରବନ୍ଧ ଲେଖକ), ମୌଲବୀ ସେଖ୍ ମନସୁର୍ (କୋରାନ୍‌ର ଆଲୋକ—୧୯୫୧), ମହମ୍ମଦ ମୁସା ଖାଁ ('ମୀନାର' କାବ୍ୟଗ୍ରନ୍ଥ—୧୯୫୪) ଏବଂ ଏସ୍ ଏ: ସମ୍ମଦ (ହଜରତ୍ ମହମ୍ମଦ ଓ ଇସଲାମ ଧର୍ମର ଶିକ୍ଷା—୧୯୬୮) ପ୍ରଭୃତି ଓଡ଼ିଶାର ଇସଲାମୀ ସାହିତ୍ୟ ବିକାଶରେ ଅଂଶ ଗ୍ରହଣ କରିଛନ୍ତି । ମୋର ଦୃଢ ବିଶ୍ୱାସ—ଆମ ରାଜ୍ୟରେ ଏହି ଦୀର୍ଘ ଚାରି ଶହ ବର୍ଷ ମଧ୍ୟରେ ଆହୁରି ଅଧିକ ଇସଲାମୀ ସାହିତ୍ୟ ସୃଷ୍ଟି ହୋଇଥିବ । ଗବେଷକ ପଣ୍ଡିତମାନେ ଏଥିପାଇଁ ଅନୁସନ୍ଧାନରେ ବ୍ରତୀ ହେବେ ବୋଲି ଆଶା କରୁଛି ।

ହିନ୍ଦୁ-ମୁସଲମାନ ମୈତ୍ରୀ ଓ ସଂହତି

ଏ ଅଞ୍ଚଳରେ ହିନ୍ଦୁ ମୁସଲମାନ ସଂପ୍ରଦାୟ ମଧ୍ୟରେ 'ମୈତ୍ରୀ ଓ ସଂହତି ସ୍ଥାପନରେ ମୋଗଲ ଛାମୁସାହି ସହାୟକ ହୋଇଛି । ଷୋଡ଼ଶ ଶତାବ୍ଦୀଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଓଡ଼ିଶାକୁ ମୁସଲମାନମାନେ ଆସିଛନ୍ତି ଏବଂ ଭିନ୍ନ ଭିନ୍ନ ସ୍ଥାନରେ ବସତି ସ୍ଥାପନ କରିଛନ୍ତି । ୧୫୧୮।୧୯ ମସିହାରେ ପର୍ତ୍ତୁଗୀଜ ପର୍ଯ୍ୟଟକ ଡୁଆର୍ତେ ବାରବୋସା ନିଜର 'ଓଡିଶା' ରାଜ୍ୟ ବିବରଣୀରେ ଲେଖିଛନ୍ତି ଯେ— ସେତେବେଳେ ଏ ରାଜ୍ୟରେ ଅତି ଅଳ୍ପ ସଂଖ୍ୟକ ମୁସଲମାନ ଥିଲେ ଏବଂ ସେମାନେ ସମସ୍ତେ ଖୁବ୍ ଭଲ ଯୋଦ୍ଧା ଥିଲେ । ✳ କାଳକ୍ରମେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ବଙ୍ଗ ସୀମାନ୍ତରେ ଥିବାରୁ ବିଶେଷତଃ ବାଲେଶ୍ୱର ଜିଲାରେ ସେମାନେ ଅଧିକ ସଂଖ୍ୟାରେ ଆସି ରହିଗଲେ । ରେମୁଣା, ଭଦ୍ରକ, ଧାମନଗର ପ୍ରଭୃତି ସ୍ଥାନ ଏବେ ତାହାର ସାକ୍ଷ୍ୟ ଦିଏ । ରେମୁଣାରେ କଳାପାହାଡ କିଛିଦିନ ଅବସ୍ଥାନ କରିଥିଲେ; ତେଣୁ ଆଜି ସୁଦ୍ଧା ସେଠାରେ ଗୋଟିଏ ମୁସଲମାନ ବସ୍ତିର

✳ ଓଡ଼ିଶାରେ ୟୁରୋପୀୟ ପର୍ଯ୍ୟଟକ—ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଡଗର— ଡିସେମ୍ବର, ୧୯୬୯ ।

Digitized by srujanika@gmail.com

ନାମ 'କଲାପାହାଡ଼ ସାହି' ହୋଇ ରହିଛି । † ଯୁଗ ଯୁଗ ଧରି ଏକତ୍ର ବସବାସ କରିବା ମଧ୍ୟରେ ଦୁଇ ସଂପ୍ରଦାୟ ଭିତରେ ବେଳେ ବେଳେ ଧର୍ମଗତ ବିଦ୍ୱେଷ ଦେଖା ଦେଇଛି—ମନ୍ଦିର ସ୍ଥାନରେ ମସଜିଦ୍ କିମ୍ବା ମସଜିଦ୍ ସ୍ଥାନରେ ମନ୍ଦିର ନିର୍ମିତ ହୋଇଛି—ଶ୍ରୀ ଶ୍ରୀ ରସିକାନନ୍ଦ ଦେବ ଗୋସ୍ୱାମୀଙ୍କ ମହିମାରେ ବାଣପୁରର ଶହ ଶହ ମୁସଲମାନ ହିନ୍ଦୁ ବୈଷ୍ଣବ ହୋଇ ଯାଇଛନ୍ତି, କିମ୍ବା ମହମ୍ମଦ ତକିଙ୍କର ବାଧ୍ୟବାଧକତାରେ ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବ 'ହାଫିଜ୍ କାଦର' ପାଲଟି ଯାଇଛନ୍ତି । ÷ କିନ୍ତୁ ଏହା ସବୁ ସାମୟିକ, କ୍ଷଣସ୍ଥାୟୀ, ଉଡ଼ନ୍ତା ମେଘ ଭଳି ଆସି ଚାଲି ଯାଇଛି—ଦୁଇ ସଂପ୍ରଦାୟ ମଧ୍ୟରେ ଥିବା ମାନବିକ ମୈତ୍ରୀ ଓ ସଂହତିକୁ ମଳିନ କରି ପାରିନାହିଁ ।

ବିଶେଷତଃ ମରହଟ୍ଟା ଶାସନ କାଳରେ ଏହି ମୈତ୍ରୀ ଦୃଢ଼ୀଭୂତ ହୋଇଥିବାର ପ୍ରମାଣ ମିଳେ । ସ୍ୱୟଂ ଶିବାଜୀ ଔରଙ୍ଗଜେବ୍‌ଙ୍କ ବିରୁଦ୍ଧରେ ଲଢ଼େଇ କରୁଥିଲେ ହେଁ ସାମରିକ ତଥା ବେସାମରିକ କାର୍ଯ୍ୟରେ ମୁସଲମାନମାନଙ୍କୁ ସ୍ୱଚ୍ଛନ୍ଦରେ ନିଯୁକ୍ତ କରୁଥିଲେ ଏବଂ ଶାସନ କାର୍ଯ୍ୟରେ ଫାର୍ସୀ ଭାଷାର ବ୍ୟବହାର—କର୍ମଚାରୀମାନଙ୍କର ଇସଲାମୀ ପଦ-ପଦବୀ ନାମକରଣ ପରିତ୍ୟାଗ କରି ନ ଥିଲେ । ଦେଶର ବିଭିନ୍ନ ମସଜିଦ୍ ଓ ପୀର ଆସ୍ଥାନ ନିୟମିତ ସରକାରୀ ସାହାଯ୍ୟ ଲାଭ କରୁଥିଲେ । * ମରହଟ୍ଟା ଶାସକମାନେ ହିନ୍ଦୁ ଥିଲେ ହେଁ ଇସଲାମ୍ ଧର୍ମ ଓ ରୀତି-ନୀତି ପ୍ରତି ବରାବର ଉଦାର ଓ ସହନଶୀଳ ଥିଲେ । ସେମାନଙ୍କ ଲୁଣ୍ଠନ-ଅତ୍ୟାଚାରରେ ଓଡ଼ିଶା ନିପୀଡ଼ିତ ହୋଇଥିଲେ ମଧ୍ୟ ଧର୍ମଗତ ବା ସଂପ୍ରଦାୟଗତ ଭେଦଭାବରେ ବିଶେଷ ଅସ୍ଥିର ଓ ଅଶାନ୍ତ ହୋଇ ଉଠି ନ ଥିଲା । +

ଏହି ପୃଷ୍ଠଭୂମିରେ ଭଦ୍ରକର ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଭ୍ରାତୃତ୍ୱ ବଜାୟ ରହିଥିଲା । ନଗର ଉପକଣ୍ଠରେ ଥିବା ଧନାଟୋଲି ଗ୍ରାମର ଧୁସା ପହଲୱାନ୍‌ଙ୍କର ପବିତ୍ର ଆସ୍ଥାନ ଅଦ୍ୟାପି ଏହାର ସାକ୍ଷ୍ୟ ପ୍ରଦାନ କରିଥାଏ । ଦେଢ଼

---

† ଓଡ଼ିଶାର ଭୂଗୋଳ—ଦେ'ଙ୍କ ଉତ୍କଳ ପ୍ରେସ୍, ବାଲେଶ୍ୱର (୧୯୦୦), ପୃଷ୍ଠା ୧୧

÷ ଓଡ଼ିଶା ଇତିହାସ—ଡକ୍ଟର ହରେକୃଷ୍ଣ ମହତାବ, ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ (୧୯୫୮), ପୃଷ୍ଠା ୧୯୯—୨୦୦—୨୦୯—୨୩୨

* The Founding of Maratha Freedom by S. R. Sharma, Orient Longmans Ltd. Bombay (1964), Page 291-92

+ Orissa Under Marathas—by Dr. B. C. Ray, Kitab Mahal, Allahabad (1960), Page 142-45

Digitized by srujanika@gmail.com

ଶହ କିମ୍ବା ଦୁଇ ଶହ ବର୍ଷ ତଳେ ଧୁସା ସେଠୀ ନାମକ ଜଣେ ପହଲ୍ୱାନ ଏବଂ ସାଧୁ ସାହା ନାମକ ଜଣେ ମୁସଲମାନ ଫକୀରଙ୍କର 'ରାମ୍-ରହିମ୍' ଧୁନରେ ଏ ଅଞ୍ଚଳ ମୁଖରିତ ହୋଇ ଉଠିଥିଲା । ଏହି ମୈତ୍ରୀ ଓ ସଂହତିର ବାଣୀ ଉଚ୍ଚାରଣ କରୁ କରୁ ଦୁହେଁ ଏକ ସଙ୍ଗରେ ସମାଧି ଗ୍ରହଣ କରିଥିବାର କଥିତ ହୁଏ । ସେହି ସମାଧି ସ୍ଥଳ ଆଜି ପର୍ଯ୍ୟନ୍ତ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟ ଦ୍ୱାରା ପୂଜିତ ହେଉଛି । କବି ବଂଶୀବଲ୍ଲଭ ଏହିପରି ଉଦାର, ଧର୍ମନିରପେକ୍ଷ ପରଂପରା ମଧ୍ୟରେ ବିଭିନ୍ନ ତାମସା ରଚନା କରିଥିଲେ । ତାମସା ଅଭିନୟରେ ହିନ୍ଦୁ-ମୁସଲମାନ ସମସ୍ତେ ଅଂଶ ଗ୍ରହଣ କରୁଥିଲେ ଏବଂ ଉଭୟ ସଂପ୍ରଦାୟର ଲୋକେ ଥିଲେ ତାହାର ମୁଗ୍ଧ ଦର୍ଶକ ବା ଉପଭୋକ୍ତା । ଆଜି ପର୍ଯ୍ୟନ୍ତ ଏହାର ବ୍ୟତିକ୍ରମ ଘଟି ନାହିଁ ।

ସତବାପର ଶିବ ମନ୍ଦିର ସମ୍ମୁଖରେ ତାମସା-ଅଭିନୟ ଖାଣ୍ଟି ହିନ୍ଦୁ ମୁସଲମାନ ମୈତ୍ରୀ ଓ ସଂହତିର ସୂଚନା ଦିଏ । କୋରାନ୍ ଶରୀଫରେ ଆଲ୍ଲାହ୍‌ଙ୍କର ଯେଉଁ ଶକ୍ତି ଜ୍ଞାନ ଓ କରୁଣା କଥା ବୋଲାଯାଇଛି, ମହାଦେବ ଶିବଙ୍କ ମଧ୍ୟରେ ସେହି ସବୁ ବିଭୂତି ବିଦ୍ୟମାନ । ଶିବଙ୍କ ସଦୃଶ ଆଲ୍ଲାହ୍ ମଧ୍ୟ ଏକାଧାରରେ ଭୀତି ଓ ପ୍ରୀତିର ଦେବତା । * ସେଥିପାଇଁ ଶିବ ମନ୍ଦିର ଓ ଶିବାରାଧନା ସହିତ ତାମସା ଅଭିନୟର ସଂପର୍କ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । କବି ବଂଶୀବଲ୍ଲଭ ଏ ବିଷୟରେ ଅବହିତ ଥିଲେ ଏବଂ ଜନସମାଜର ମଙ୍ଗଳ ବିଧାନ ଲକ୍ଷ୍ୟ ଆଖି ଆଗରେ ଥୋଇ ଲେଖନୀ ଚାଳନା କରିଥିଲେ ।

ଉପସଂହାର

ଏଇତକ ନିବେଦନ-ପୂର୍ବକ 'ମୋଗଲ ତାମସା'କୁ ଉତ୍କଳର ସଂସ୍କୃତିପ୍ରେମୀ ସୁଧୀଜନ ଓ ଗବେଷକ ପଣ୍ଡିତମାନଙ୍କ ନିକଟରେ ଉପସ୍ଥାପନ କରୁଛି । ସୁଧୀ-ସମାଜରେ ଗ୍ରନ୍ଥଟି ସାଦରରେ ଗୃହୀତ ହେଲେ ଏବଂ ଏହା ଉପରେ ଆଲୋଚନା, ପ୍ରତ୍ୟାଲୋଚନା ଦ୍ୱାରା ନୂତନ ଆଲୋକପାତ କରାଗଲେ, ମୋର ଶ୍ରମ ସାର୍ଥକ ହେବ ।

ଏ କାର୍ଯ୍ୟ ସଂପାଦନାରେ ମୁଁ ବିଭିନ୍ନ ଲୋକଙ୍କ ଠାରୁ ସାହାଯ୍ୟ-ସହଯୋଗ ଲାଭ କରିଛି । ସେମାନଙ୍କ ମଧ୍ୟରେ ସୁସାହିତ୍ୟିକ ଶ୍ରୀ ଉଦୟନାରାୟଣ ମହାନ୍ତି, ପ୍ରବୀଣ ଶିକ୍ଷାବିତ୍ ଶ୍ରୀ ଗୋକୁଳାନନ୍ଦ ନାୟକ, କବି ଶ୍ରୀ କୃଷ୍ଣପ୍ରସାଦ ବସୁ, ହେଡ୍‌ମାଷ୍ଟର ଶ୍ରୀ କିଶୋରୀ କିଙ୍କର ଦାସ, ସଙ୍ଗୀତଜ୍ଞ ଶ୍ରୀ ଜଗବନ୍ଧୁ ସାହୁ ଏବଂ ମୋର ସ୍ନେହାସ୍ପଦ ଛାତ୍ର ଶ୍ରୀ ସତ୍ୟେନ୍ଦ୍ରନାଥ ବେନାର୍ଜି ଓ ଲଲି ଶ୍ରୀ ବିକ୍ରମକେଶରୀ ବିପ୍ରଙ୍କ ନାମ ଉଲ୍ଲେଖ-

---

* ବାଂଲା କାବ୍ୟେ ଶିବ—ଡକ୍ଟର ଗୁରୁଦାସ ଭଟ୍ଟାଚାର୍ଯ୍ୟ, କଲିକତା (୧୯୬୧) —ପୃଷ୍ଠା ୮

Digitized by srujanika@gmail.com

ଯୋଗ୍ୟ । ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ । ଶ୍ରୀ ଛକଡ଼ି ମହାନ୍ତି ଆଜି ସ୍ୱର୍ଗରେ । ମୋଗଲ ତାମସା ସଂକଳନ ଓ ସଂପାଦନା କାର୍ଯ୍ୟରେ ତାଙ୍କର ଇଚ୍ଛା ବରାବର ରହିଥିଲା । ଆଜି ସେହି କାର୍ଯ୍ୟ ପୂର୍ଣ୍ଣତା ଲାଭ କଲାବେଳେ ତାଙ୍କର ପବିତ୍ର ନାମକୁ ଶ୍ରଦ୍ଧାର ସହିତ ସ୍ମରଣ କରୁଛି ।

ସୁନାମଧନ୍ୟ କବିଚନ୍ଦ୍ର କାଳୀଚରଣଙ୍କର ଶୁଭାଶିଷ ମୁଁ ପାଇଛି । ଉତ୍କଳର ଶ୍ରୀ ହରେକୃଷ୍ଣ ମହତାବ ଏ ଗ୍ରନ୍ଥର ଏକ ତଥ୍ୟପୂର୍ଣ୍ଣ ଭୂମିକା ଏବଂ ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନ ଏକ ଉପାଦେୟ ଆମୁଖ ଲେଖିଦେଇ ମୋତେ ଅନୁଗୃହୀତ କରିଛନ୍ତି । ସେମାନଙ୍କ ନିକଟରେ ମୁଁ ଚିର ଋଣୀ ହୋଇ ରହିବି । କବି ଓ ଶିଳ୍ପୀବନ୍ଧୁ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଏ ଗ୍ରନ୍ଥର ପ୍ରଚ୍ଛଦସଜ୍ଜା କରିଛନ୍ତି । ତାଙ୍କୁ ମୋର ଶ୍ରଦ୍ଧା ଓ ଶୁଭେଚ୍ଛା ଜଣାଉଛି । ସର୍ବଶେଷରେ, ଭଦ୍ରକସ୍ଥ ଭାଗବତ ପ୍ରେସର ସଂଚାଳକ ଭ୍ରାତୃପ୍ରତିମ ଶ୍ରୀ ପ୍ରବୋଧାନନ୍ଦ ମହାପାତ୍ର ଆଗ୍ରହ ସହକାରେ ଏ ଗ୍ରନ୍ଥର ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କ ପ୍ରତି ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି । ଇତି

ଭଦ୍ରକ କଲେଜ
୨୦ । ୪ । ୧୯୭୨

ବିନୀତ
କୃଷ୍ଣଚରଣ ବେହେରା

Digitized by srujanika@gmail.com

କବି ବଂଶୀବଲ୍ଲଭ ଗୋସ୍ୱାମୀ ବିରଚିତ

ମୋଗଲ ତାମସା

(ଶିବ ମନ୍ଦିର ସମ୍ମୁଖରେ ଅଭିନୟ-ଅନୁଷ୍ଠାନ)

ପ୍ରଥମେ ଆସରୱାଲା ଗାୟକ, ବାଦ୍ୟକାରୀ ପ୍ରଭୃତିଙ୍କର ମିଳିତ କଣ୍ଠରେ ଶିବ ବନ୍ଦନା :—

ଘାଟ—୧

ଜୟେ ଜୟେ ଗର୍ଭେଶ୍ୱର ଭୋଲା ।
ବୃଷଭ ସୱାରେ ବାଘାମ୍ବର ପିନ୍ଧେ   ଜୟେ ଗର୍ଭେଶ୍ୱର ଭୋଲା ॥
ବଏଲ ଆସନ, ଭଭୂତି ଭୂଷଣ   ଖାଓ୍ୱେତି ଭାଂଗ୍ କି ପ୍ୟାଲା । ୧ ।
ବାମ ହାତେ ତ୍ରିଶୂଲ ଲୟେ   ନାଚେ ତ ଭୂତ ବେତାଲା । ୨ ।
ବଲ୍ଲଭ ବୋଲତି ହେ ଶିବ ଶଙ୍କର ଆପ ହି ଜଗତ ଉଜାଲା । ୩ ।

ଘାଟ—୨

ସକଲ ମନୋରଥ ପୂରନ୍ କଙ୍କୟେ   ମହାଦେବ ତ୍ରିପୁରାରି ।
ଅର୍ଦ୍ଧ ଚନ୍ଦ୍ର ଶିର ସୁନ୍ଦର ବିରାଜେ   ଆପହି ବୃଷଭ ସୱାରି ॥
ଭଙ୍ଗ ଧତୁରା କର ଡମ୍ବରୁ ଶୋହେ   ରଙ୍ଗ ମହଲ 'ଛବକାରୀ । ୧ ।
ବଲ୍ଲଭ ବୋଲତି ହେ ଶିବ ଶଙ୍କର   ଚରନ କମଲ ବଲିହାରି । ୨ ।

ଘାଟ—୩

ହରକୋ ଚରନମେ ଧ୍ୟାନ୍   ଭଜହୋ ମନ୍ ।
ଯୋ ହର ଚରନ ମେ ଶରନ ଯାତୁ ହେଁ   ସୋ ହର ଫିରତି ଶ୍ମଶାନ୍ ॥
ନନ୍ଦୀ ଭୃଙ୍ଗୀଗନ ତାଲ ବଜାଓ୍ୱେ   ନୃତ୍ୟ କରେ ତୋ ପଞ୍ଚାନନ୍ । ୧ ।
ବଲ୍ଲଭ ବୋଲତି ହେ ଶିବ ଶଙ୍କର   ଚରନ କମଲ ପର ଧ୍ୟାନ୍ । ୨ ।

ଘାଟ—୪

ଜୟ ହଟେଶ୍ୱର ମହିମା ସାଗର   ମନ୍ଦିର ଶୋହେ ଚଉତାରୀ ।
ତ୍ରିଶୂଲ ଉପର୍ ବାନା ଉଡ଼ତି   ଘେରତି ଘଣ୍ଟକତି ହୈ ପାରୀ ॥
ଅଘୋଗନାଶୀ ଭକ୍ତ ଉଦାସୀ   ଜଟାଜୂଟପର୍ ଗଙ୍ଗ୍ ତେରୀ । ୧ ।
ଅଧୀନ'ବଲ୍ଲଭ ଦୀନ ହି ଭାବେ   ଜୟ ହଟ ନାଗର ବମ୍ ଭୋଲା । ୨ ।

Digitized by srujanika@gmail.com

(ଗ୍ରେପଦାରମାନଙ୍କର ପ୍ରବେଶ)

ଗ୍ରେପଦାରଗଣ— ଦବେ ଯାଓ । ଦବେ ଯାଓ । ଦବେ ଯାଓ । ଦବେ ଯାଓ ।
ଦବେ ଖଡ଼େ ହୋ! ହଠ୍ ଖଡ଼େ ହୋ ! ଆଦବ ଦବା
କାୟଦା କାନୁନ ସାସ୍ତ ନିଶସ୍ତ ବରଖାସ୍ତ କରୋ !
ହେ ମିର୍ଜା ମୁସ୍ତାର ବେଗ୍ ଜଲଚା ଆଗ୍, ଚଢା—
ବାଦ୍, ପୁରନା ସମସେର, କନ୍ଦା ଖବଶ, ଉସକା ସାମନେ
ଐସା ବେଆଦ୍‌ବ ! ମାର୍ କୋର୍ଡେଶ ଖାଦ୍ ଉତ୍ତର ଯାମି ।
ଦବେ ଖଡ଼େ ହୋ! ହଠ୍ ଖଡ଼େ ହୋ !

(ମିର୍ଜା ସାହେବଙ୍କର ପଛୁଆରରେ ପ୍ରବେଶ)

ମିର୍ଜା ସାହେବ— କର୍ମକାଁ ଇମ୍ ସବ୍ ମକାମ୍ ବର ଦରଖ୍ତାଁ କରଦା ଅନ୍ !
ରୌନକେ ବାଜାର୍ ଅଞ୍ଜୁମ୍ ରା ବଗାରଦ୍ କରଦା ଅନ୍ ।
ଏ ବଲକୟା !

ଗ୍ରେପଦାର— ଲଭେକ୍ ।

ମିର୍ଜା ସାହେବ— ଯାଏ ନସସ୍ତେ ମନ୍ କୁଯା ଆସ୍ତ ?

ଗ୍ରେପଦାର— (ସିଂହାସନ ଦେଖାଇ) ବସ୍ତର ଗସ୍ତା ନସସ୍ତ ଫର୍ମାୟନ୍ ।

(ମୋଗଲ ସିଂହାସନରେ ଯାଇ ବସିଲେ)

୧ମ ଗ୍ରେପଦାର— (ସଲମି) କାଲ୍ ମୁକଲଡା ଖୋଦା ଏକ ବୋଦା । ଫଲୁ ଲଜ୍ଜତ୍ ମଲ୍-ଆଜଭର୍ ମୁର୍ଦା । ମଗଜଗନ୍ଦା, ବନ୍ଦୀକେ ବନ୍ଧା, ଖୋସ୍ ଅବ୍ବା ନାଖନ୍ଦା ତିଲକଚଟୁ, ନପଠ ନପଠୁ । କଜଡ଼ କେ କଜଲ ନପଠ ନପଠୁ, ପସମ୍ବଲ ନୟକ ସୁଲ । ବେ ଗୟୂରତ୍ ଭୁଲ । ହିଞ୍ଜାଲ ହରସା, ଡାହୁକେ ତରସା । କମର ହିମ୍ମତ ଭୁଣ୍ଡି ନାପୁରୁଷା । ଝଚେ ବାଜ କୁଲନ ବାଜ । ବମ୍ ସନ୍ଦସେର ଯବାନ ଦେଗରଜ । ଠିକର ଚୂନ ଚୁଆ ଭୂନ ମନାକା ମୁଲ୍‌ବା ମେ ହାଣ୍ଡ କା ଚୂନା । ଫୁଟ୍‌କା ଡରସା ଅନ୍ଦରବାଜ୍ ଯାନ ମୁରଦ ଯାଲମ୍ ବଦମାସ, ବେ ବୁନୟାଦ ବଦ୍‌ଏତକାଦ, ଆଖାସୁବ ନବାଦ, ନାହୁରୁ ମେ ଉଜାଡ଼େ ବେଗ୍ ଉଜବ ମିର୍ଜା ଠରଦବ ଚଓ, ମିର୍ଜା ସାହେବ ମେହେରବାନ୍ କ ସଲମ୍ ।

Digitized by srujanika@gmail.com

୨ୟ ଗ୍ରେପଦାର— (ସଲମି) ଚସମ ଫୁଟେ ଗର୍ଦ୍ଦନ ଭୁଟେ ନାକ କଟେ ସୁରତ
ସୁକ୍‌ଡ଼େ ଦାଡ଼ି ମୋଚ ଉଖୁଡ଼େ ମୁଣ୍ଡପର ଲଠିମୁଠା ମୁଦ୍‌ଗର
ମୁଖି ଡାବଲ ବିଧା ଧକ୍‌କା ଦେ ଧମାଧମ ବରଖତେ ଯ'ଏ
ମିର୍ଜା ସାହେବ ମେହେରବାନ୍ କ ସଲମ୍ ।

୩ୟ ଗ୍ରେପଦାର— ଖଡେ ଖଡ଼େ ମୁସ୍‌କ ଚଢ଼େ, ମିର୍ଜା ସାହେବକା ଦୌଲତ
ବଢ଼େ, ଦାନ୍ତ ଝଡ଼େ ଅନ୍ତ ସଢ଼େ । ହାତମେ ହାତକଡ଼ି ପାଓଁମେ
ବେଡ଼ି ଗଲେ ତୋକ୍ ପଡ଼େ । ଆଖ୍ ଅନ୍ଧା କାନ ବହ୍ରା କମରକା
ଡେଡ଼ା ପାଓଁ ନେଙ୍ଗଡ଼ା । ଏହେ ମିର୍ଜା ସାହେବ, ଏହେ ମିର୍ଜା
ସାହେବ,' ହେଜ ରୋଜ ମେହେରଓ୍ୱାନ କ ସଲମ୍ ।

ମିର୍ଜା— ଏ ବଲ୍‌କୟା ।

ଗ୍ରେପଦାର— ଲବ୍ବେକ୍ ।

ମିର୍ଜା— ଓତାଲ ଜଲସାନହୁ । ଭେସ୍ତିଗ ତଲବ୍ ବକୁନ୍ ।

ଗ୍ରେପଦାର— ନୟୁଁମତ୍ ବଲ୍‌ତାହୁଁ । ଚଲ୍ ବେ ଭେସ୍ତି, ଚଲ୍ ଚଲ୍ ବେ ।

ଭେସ୍ତି— (ଦୂରରୁ ଜବାବ ଦେଲା) ଜାତାହୁଁ ବେ ।

(ପାଣି ମସକ୍ ଓ ଅତରଦାନ ସଙ୍ଗରେ ଘେନ ଗୀତ ଗାଇ ଗାଇ ଆସିଲା)

ଏତୋ ସବ୍‌ହେ ଭେସ୍ତି ବଲେ କେ ଡାକେ ।
(ବାବୁ) ଆମି ବସେଛିଲମ୍ ଗାଞ୍ଜାରପରେ ଫୁଙ୍କ୍ ଦେ ॥
ଗାଞ୍ଜାର କଲ୍‌କେ ଛିଲ ଯେ ହାତେ
ବସେଛିଲମ ଆଗୁନ୍ ଦତେ
ସବ୍‌ନେଶେ ପୁବ ଏସେ ଜଲ ଢେଲେ ଦିଲ ତାତେ । ୧ ।

(ପୁଣି ଗୀତ)

ଭେସ୍ତି ବଲେ ଡାକଛ ନକବ୍ ଜା
(ବାବୁ) ଆମି ବିଷମ ଫେରେ ପଡ଼େଛି ।
ମଶକ ଆମାର ଛିଲ ଯେ ବାଁଧା
ଇନ୍ଦୁରେ ତାୟ୍ କରେଛେ ଗୁନ୍ଦା
ଜଲ୍ ଆନ୍‌ତେ ଗେଲେ ବସ୍ଥେ ପଡ଼େ
ପଥେ ବସେ କାନ୍ଦତେଛି । ୧ ।

Digitized by srujanika@gmail.com

ଗ୍ରେପଦାର— ଆବେ ତୁମ୍ ଭେସ୍ତି ହୋ ନା କୋନ୍ ହୋ ?
ତୁମ୍ ଅବତକ୍ କାହାଁ ଥା ! ମିର୍ଜା ସାହେବ ଆକେ ଏତନା ଘଡ଼ି
ବୈଠେ ହେଁ, ମଜଲସ୍ ଗରମ ହୋ ଗୟା । ପାନ ଉନ କୁଛ ନେଇଁ ।
ଆବେ ତୁମ୍ କହାଁ ଥା !

ଭେସ୍ତି— ମେ ଚଏନ୍ ମେ ଥା ।

ଗ୍ରେପଦାର— ବେ ତୁମ ତୋ ପାନ କା କାମ୍ କରେଗା । ତୁମାର୍ ଫିନ୍ ଏତନା
ଚଏନ୍ କ୍ୟା ?

ଭେସ୍ତି— ଚଏନ୍ କା ବାତ୍ କହତେ ହେଁ ଶୁନୋ ।
ହାମ୍ ତୋ ଆତେ ଆତେ ରାସ୍ତା ଭୁଲ୍ କେ କାଉଁର ଦେଶ କୋ
ଚଲ୍ ଗିୟା । ଉସକା ବାତ କହତେ ହେଁ ଶୁନୋ ।

(ଗୀତ)

ବାବୁ କାଓଁର କେ ରଣ୍ଡୀ ଯୋ ବଡ଼େ ମଜେଦାର
ଓ ବାବୁ, ବଡ଼େ ଛୁନେଦାର ।
ବଦେଶୀ ଦେଖନେସୋ କରତେ ହେଁ ପ୍ୟାର ॥
ଭେଡ଼ା ବନାକେ ଘର୍ପର୍ ରଖକେ
ସାମ୍ ହୋନେସେ ବାବୁ ନକଲେ ବାହାର । ୧ ।

ମିର୍ଜା ସାହେବ— ବଦ୍ଯାତ ଏ ଭେସ୍ତିକା ହୋସ୍ ହୋଗୟା ବଗଡ଼ା ।
ଦିଲ୍ ମେ ନେହି ହେ ଦହସତ୍ ମେରେ ମସକ୍ କୋ ତୋଡ଼ା ।
ଗଞ୍ଜା ଅଫିମ୍ ମଦକ୍ ନଶାସେ ହୋ ଏ ବେକବର୍ ।
କର ପୁସ୍ତ ଉସ୍କ ନରମ୍ ଜୁତସେଁ ବାରେବାର ।

ଗ୍ରେଚଦାର— (ଭେସ୍ତି ପ୍ରତି) ଆବେ ଯାଓ, ହମାର୍ ମିର୍ଜା ସାହେବ ବହୁତ
ଗୋସା ହୋଗୟା । ତୁମକୋ ଯୁତ ଦେକେ ନକାଲ୍ ଦେନେକେ
ବୋଲେ । ଯାଓ, ଫୁର୍ତ୍ତି ପାନ ଲାଓ ।

ଭେସ୍ତି— ପାନ କସ୍ ମେ ଲାଏଗା ?

(ଗୀତ)

ହାମାର୍ ମସକ୍ ତୁଟ୍ ଗୟା
ଜେବ୍ ଜେବ୍ ବହେ ପାନ ଓ ଥୋଡ଼ା ଥୋଡ଼ା ନକଲେ ପାନ
ପାନ ନେହିଁ ଲାୟା ॥

Digitized by srujanika@gmail.com

ବହୁ ଦୂରମେ ରହା ପାନ   ଯାଇତେ ନାଦେର ନାନ
ପାନ ବେଗର ହେ ହୟରାନ   ପାନ ନେହି ଲୟା । ୧ ।
ମେ ଲତା ଥା ଭଲ ପାନ   ପିତେ ଥେ ମିର୍ଜା ମିର୍ଜାନ
ଦେତେ ଥେ ଦୋ ଗୁର୍ ଦୋହାନ   ସୋ ବଗଡ଼ ଗୟା । ୨ ।

ମିର୍ଜା— ବଦ୍‌ଜାତ ଭେସ୍ତିଓ୍ୱାଲ ଅବ୍‌ତକ ନା ଲୟା ପାନ ।
ପାନି ବେଗର୍ ହାମାରା ହୟରାନ ପରେସାନ ।
ଗୋସ୍ତାକ କରକେ ଦିଲ୍‌ମେ କରତା ହେ ବେଇମାନି ।
ଦରମା ନ ମିଲେଗା ଯବତକ୍ ନା ଲଓ୍ୱେ ପାନି ।

ଚୋପଦାର— (ଭେସ୍ତି ପ୍ରତି) ଯାଓ, ଅଭି ନୟା ମସକ୍ ମୁଲକେ ପାନି ଲେକର ଆଓ ।

ଭେସ୍ତି— ହମ୍ ତୋ ଛ ମଇନା ହୁଆ ଦରମା ପାୟା ନେହିଁ, ରୁପାୟା କାହାଁସେ ମିଲେଗା, ନୟା ମସକ୍ ମୁଲ୍‌କେ ପାନି ଲୟେଗା ।

(ଗୀତ)

ମିର୍ଜା ସାହେବ, ଦରମା ଦେଓନା, ଏ କ ଦାୟ ।
ଆମି କାର କାଛେ ବଲବ ଦୁଃଖ   ଏ ଦୁଃଖ ନା ସହା ଯାୟ ।
ଆମି ବାର ବର୍ଷ ବସେ ହସେ   ବାଡ଼ ନା ପାୟ ଏଇ ଯଶାୟ
ଆମାର ଜରୁ ଥାକତ ଉପବାସୀ   ଏକାଦଶୀ ହୟେ ଆମାୟ । ୧ ।

ଚୋପଦାର— ଏୟ ମିର୍ଜା ସାହେବ, ଏୟ ମିର୍ଜା ସାହେବ, ଏୟ ମିର୍ଜା ସାହେବ ।

ମିର୍ଜା— ଚ୍ୟା ବୋଗୋ ।

ଚୋପଦାର— ଭେସ୍ତି ନୟା ମସକ୍ ମୁଲନେ କା ବାସ୍ତେ କୁଛ୍ ମୁଶାହାରା ଚାହାତା ହେ ।

ମିର୍ଜା— ଏ ବଲକୟା ।

ଚୋପଦାର— ଲଙ୍କେକ୍ ।

ମିର୍ଜା— ତୁୟ ମୁକାମରା ଯାଫର୍ ସରଦ ନମାୟୁଦ୍ ଇବ ଆଦ୍ ଛହବଲସେଁ ସଦ୍ ରୁପେୟା ଭେସ୍ତିରା ମୁଶାହାରା ଦେ ।

ଚୋପଦାର— ଯାଓ, ତୁମକୋ ଏକଶୋ ରୁପେୟା ମିଲ୍‌ଗୟା । ତୁମ ନୟା ମସକ ମୁଲକେ ପାନି ଲେକେ ଆଓ ।

ଭେସ୍ତି— ପାନି କାହାଁ ସୋ ଲଏଗା ?

Digitized by srujanika@gmail.com

ଗ୍ରେପଦାର— ଯାଓ, ତୁମ୍ ଲାଲଧାଘିସେ ପାନି ଲାଓ !

ଭେସ୍ତି— ମଗର୍ ଭେସ୍ତିକା କାମ୍ ନେହିଁ କରେଗା, ଲେକିନ୍ ଲାଲ୍ଧାଘି ନେହିଁ ଯାଏଗା ।

(ଗୀତ)

ନା କରବୋ ଭେସ୍ତିର କାଜ କାଲ୍ ଫଜରେ ବାଡ ଯାବୋ ।
ଯା କାଲ୍ ଫଜରେ ଦେଶେ ଯାବୋ ।
ଦୁ ଭାଇ ସଙ୍ଗ ହୟେ ଅନ୍ୟ ଅନ୍ୟ କାଜ କରବୋ ।
ଯା ଚଟ୍‌କଲେତେ କାଜ କରବୋ
ଯା ଧାନ୍ୟ କ୍ଷେତେ ଗୃଷ କରବୋ ॥ ୧ ॥

ଗ୍ରେପଦାର—ଲାଲ୍ଧାଘି କାହେ ନେହିଁ ଯାଏଗା ? ଅଲବତ୍ ଯାନେ ହୋଗା ।,

ଭେସ୍ତି — ତୁମ୍ ଲାଲଧାଘିକା ବାତ୍ କୁଛ୍ ଜାନତେ ହୋ !

ଗ୍ରେପଦାର—କ୍ୟା ଲାଲଧାଘିକା ବାତ୍ ?

ଭେସ୍ତି — ଆଚ୍ଛା, ମେ କହେତେ ହେଁ, ଶୁନୋ ।

(ଗୀତ)

ଲାଲ୍ଧାଘିତେ ଜଲ୍ ଆନତେ ଯାବୋନା
ବାବୁ ଆମି ଗେଲେ ପ୍ରାନେ ଆର୍ ବାଞ୍ଚ୍‌ବ ନା ॥
ଲାଲ ଧାଘି ରସ୍ତାୟ କତ ଗାଡ଼ି ଘୋଡ଼ା ଯାୟ
ଭେସ୍ତିର ପ୍ରାନ ବାଞ୍ଚାନୋ ଦାୟ,
ଯଦି ମସକ ଲୟେ ପଡ଼େ ମରି
ଆମାର ଲଡ଼କାବାଲା ଆର ବାଞ୍ଚବେ ନା ॥ ୧ ॥

ଗ୍ରେପଦାର—ଆଚ୍ଛା, ନେହିଁ ତୋ ଗଙ୍ଗା ସେ ପାନି ଲାଓ ।

ଭେସ୍ତି— ଗଙ୍ଗା ସେ କୈସେ ପାନି ଲାୟେଙ୍ଗେ ! ଅଭିତୋ ଗଙ୍ଗାମେ ଜୁଆର ହୁଆ ହେ ।

(ଗୀତ)

ଗଙ୍ଗାତେ ଜୁଆର୍ ଏସେଛେ ସାହେବ ଏଖନ
ତାତେ ହୟେ ଆଛେ ଗୋଲା ପାନି ।
ଜୁଆର ଭଟ୍ଟା ନା ହଲେ ଭାଲ ପାନି ନା ମିଲେ
ତାଇ ତୋ ଜାନ୍ଛ ସାହେବ ଅପନି ॥ ୧ ॥

Digitized by srujanika@gmail.com

ଗ୍ଟେପଦାର—ନେଇଁ ତୋ ଯାଓ, ଗୋଲ୍‌ଡାଲ୍ ସେ ପାନ ଲେକେ ଆଓ ।
ଭେସ୍ତି— ଆଚ୍ଛା, ହମ୍ ଗୋଲଡାଲ୍ ସେ ପାନ ଲ ଦେତା ହୁଁ ।

(ଗୀତ)

ଆଚ୍ଛା ପାନ ଅବ୍ ଲୟୁ। ବାବୁ ଗୋଲଡାଲ୍ ସେ ।
ମଜଲସ୍ ଥଣ୍ଡା ଅଭି କର ଦେଁା ॥
ମଯୂଲ୍ ପାନ ନେଇଁ ଗୋଲ୍ ପାନ ନେଇଁ
ହଜୁର ବନ୍ଦେକେ କସୁର ମାଫ କର ଦେଁା ॥ ୧ ॥

[ଗୀତ ଗାଉଥିବାବେଳେ ମସକ୍ ଓ ଅତରଦାନରୁ ପାଣି ସିଞ୍ଚୁଥିବ ।]

ଗ୍ଟେପଦାର—ଯାଓ, ଅଭି ତୋ ମଜଲସ୍ ଥଣ୍ଡା ହୋ ଗୟୁ।, ତବେ ଦରିଆସେ ଥୋଡ଼ା ପାନ ଲ୍ଓ ।
ଭେସ୍ତି— ମିର୍ଜା ସାହେବକା ଏତନା ପାନ କ୍ୟା ହୋତା ହୈ ?
ଗ୍ଟେପଦାର—ଆରେ ତୁମ କ୍ୟା ଜାନେଗା ପାନକା ବାତ୍ ! ମିର୍ଜାକା ଫିଲ୍‌ଖାନା ପାନ ବବୁର୍ଚ୍ଚିଖାନା ଯାତା, ବବୁର୍ଚ୍ଚିଖାନା ପାନ ଗୋସଲଖାନା ଯାତା, ଗୋସଲଖାନା ପାନ ନର୍ଦ୍ଧମାଖାନା ଯାତା ହୈ । ଯାଓ ତୁମ ଦରିଆସେ ପାନ ଲ ଦୋ ।

(ଗୀତ)

ଦରିଆସେଁ। ମିଠା ପାନ ଲୟୁ। ବଡ଼େ ମଜେଦାର ॥
ଅସଲ ଘାଟି ଫସଲ-ଘାଟି ମିଠା ଗଙ୍ଗେକା ପାନ
ଯୋ ଖାୟୁ। ପସ୍ତାୟୁ। ଯୋ ନେଇ ଖାୟୁ। ପସ୍ତାନେ ଗୟୁ।
ବଡ଼େ ମଜେଦାର ॥ ୧ ॥

ଗ୍ଟେପଦାର—ପାନଜଳ ସବ୍ ଦେ ଦୟୁ।, ଅଭି ଚଲେ ଯାଓ ।
ଭେସ୍ତି— ହାମାରା ଦରମା ଉରମା କୁଛ୍ ନେଇଁ ମିଲା, ତୁମ୍ ବଲତା କ ଚଲା ଯାଓ । ବଲେ ମିର୍ଜା ସାହେବକୋ, ଦରମାକା ବାସ୍ତେ ।
ଗ୍ଟେପଦାର—ଏପୁ ମିର୍ଜା ସାହେବ, ଏପୁ ମିର୍ଜା ସାହେବ, ଏପୁ ମିର୍ଜା ସାହେବ । ଭେସ୍ତିଗ କୁଛ୍ ଦରମା ଗୁହାତା ହୈ ।
ମିର୍ଜା— ଏ ବଲ୍‌କୟୁ। !
ଗ୍ଟେପଦାର—ଲକେ୍ ।

Digitized by srujanika@gmail.com

ମିର୍ଜା— ତସ୍ମ ମୁକାମବ ଯାଫର୍ ସରଦ ନମାସୁଦ୍ ଇବ ଆଦ୍ ତହବଲ୍ ସେଁ ପଞ୍ଚସଦ୍ ରୁପେୟା ଭେସ୍ତି ବ ଇନାମ୍ ଦେ ।

ଫ୍ରେପଦାର—ଯାଓ ଯାଓ; ତୁମକୋ ପାଞ୍ଚ ଶୋ ରୂପେୟା ମିଲ୍ ଗୟା । ଲେ କେ ଭାଗୋ ।

ଭେସ୍ତି— ହାମାର ଏତନା ରୁପେୟା କ୍ୟା ହୋଗା ? ହମ୍ କୋ ଏକ ମହିନା ଅଫିମ୍ ଖାନେ କେ ହୋଗା ନେଇଁ ।

ଫ୍ରେପଦାର—କ୍ୟା ତୁମ୍ ଏତନା ଅଫିମ୍ ଖାତା ହୈ ?

ଭେସ୍ତି— ତୁମ କ୍ୟା ଜାନେଗା ଅଫିମ୍ କା ବାତ । ହରଘଡ଼ି ପାନକା କାମ୍ କରେଗା, ଜ୍ୟାଦା ଅଫିମ୍ ନେଇଁ ଖାନେ ସେ କୈସେ ହୋଗା ।

(ଗୀତ)

କତ ମଜା ଏ ଅଫିମ ଖେଲେ ।

କତ ରାଜା ମାର ବାଦସା ମାର
ଫ୍ରେଖ ବୁଜେ ଯାସୁ ଟଲେ ॥
ସିଦ୍ଧି ଖେଲେ ବୁଦ୍ଧି ବାଢ଼େ
ଗାଞ୍ଜା ଖେଲେ ଲକ୍ଷୀ ଛୁଟେ
ଫ୍ରେରସ ଖେଲେ ଚକ୍ଷୁ ଚଢ଼େ
କତ ମଦ୍ ଖେଲେ ପା ଟଲେ ॥ ୧ ॥

ଫ୍ରେପଦାର— ଭାଗୋ, ଭାଗୋ, ଯୋ ମିଲା ସୋ ଲେକେ ଚଲେ ଯାଓ ।

ଭେସ୍ତି—(ଆସରଓ୍ୱାଲଙ୍କ ପ୍ରତି) ଓ ଜୀ ବୈଠନେଓ୍ୱାଲେ, ଏହାଁ ପର କ୍ୟା ହୋତା ହୈ ?

ଆସରଓ୍ୱାଲ— ଏହାଁ ପର ବାବା ଦଙ୍କ ଯାବା ହୋତା ହୈ ।

ଭେସ୍ତି — (ମହାଦେବଙ୍କ ଉଦ୍ଦେଶ୍ୟରେ 'ଝୁଲନା' ଗାଇବ)

ଭଦରଖ୍‌କା ବଚ୍ ମେ ଖୁବ୍ ଦେଖା
ଯୋ ଗର୍ଭେଶ୍ୱରକା ଦେଉଳ ।
ନାଗ୍ ନାଗଡ଼ି ଦ ନାଗ ଭସମ ସୋହେ
ଗଲେ ଲଟକନ୍ତ ହାଡ଼ ମାଲ ।
ପକ୍‌କା ଚଉତରଫ୍ ବେଶବାହାର
ସାମନେ ନଟରେଲ କ ଝାଣ୍ଡ୍ ଖାଡ଼ା ।

Digitized by srujanika@gmail.com

ବଲ୍ଲଭ କହେ, ଭୋଲାନାଥ ସ୍ୱାମୀ
ଇନ୍‌ସାଫ୍ ତେରା ପଟନାରା ।

ତା ଥେଇ ରେ, ଥେଇ ରେ, ତା ତା ଥେଇ ରେ ଥେଇ ରେ ଥେଇ···
[ପ୍ରସ୍ଥାନ]

ମିର୍ଜା— ଏ ବଲ୍ଲାକୟା !
ଗ୍ରେପଦାର— ଲବ୍ଜେକ୍ ।
ମିର୍ଜା— ଝାରୁକସ୍‌ବା ଚଲବ୍ ବକୁନ୍ ।
ଗ୍ରେପଦାର— ଝାରୁକସ୍‌ବା ଚଲ୍ ବେ । ଚଲ୍ ଚଲ୍ ବେ ।

(ସଙ୍ଗରେ ଝାଡ଼ୁ ଘେନ ଦୂରରୁ ଝାଡ଼ୁଓ୍ୱାଲା ଉତ୍ତର ଦେଲା—)

ଝାଡ଼ୁଓ୍ୱାଲା— ଜାତା ହୁଁ ବେ ।

[ଗୀତ]

ଝାଡ଼ୁ ମାରେ ଝାଡ଼ୁ ମାରେ
କେ ଡାକେ ଝାଡ଼ୁଓ୍ୱାଲା ।
ଆମି ଘୁମିୟେ ଛିଲାମ ଘୁମେର ଘୋରେ
ଝାଡ଼ୁ ରଇଲ ମାଥାର ପରେ ।
ମିର୍ଜା କି ବଲବେ ମୋରେ
ରକ୍ଷେ କର, ରକ୍ଷେ କର ॥ ୧ ॥

ଗ୍ରେପଦାର— ଝାଡ଼ୁକସ୍‌ବା ଚଲ୍‌ବେ !

ଝାଡ଼ୁ— [ଗୀତ]

କୋନ୍ ବୋଲତେ ଝାଡ଼ୁଓ୍ୱାଲା ଓ ଲାଲା
ମେଁ ତୋ ହୁଁ ବୁନଆଦଓ୍ୱାଲା ॥
ମଦ୍ ତାଡ଼ି ମେ ଗାଞ୍ଜା ଖାୟା ଭଙ୍ଗ୍ ଝୁବ ଚଣ୍ଡୁ ପିୟା
ନଶା ଜୋର୍‌ସେ ହୁଆ ଭର ଦିଲ୍ ମେରା ॥ ୧ ॥

ଗ୍ରେପଦାର— ବେ ଝାଡ଼ୁଓ୍ୱାଲା, ଅବ୍ ତକ୍ କାହାଁ ଥା ?

Digitized by srujanika@gmail.com

ଝାଡ଼ୁ— [ଗୀତ]

ଝାଡ଼ୁଓ୍ୱାଲ କେ ଡାକେ ଉଚ୍ଚ ସ୍ୱରେ ।
ଆମି ନାଷ୍ଟର ସଙ୍ଗେ ସେ ରଙ୍ଗେ
ଛୁଲାମ ବାଙ୍କା ବାଜାରେ * ॥
ବପଶ୍ଚିତ ରସେ ମାତ୍ତ କାଟାଇଲାମ ଅର୍ଦ୍ଧରଜନି
ଏଖୁନ୍ ଏସେ କେ ଦୁର୍ମତି ରଙ୍ଗ ଆମାର ଭଙ୍ଗ କରେ ॥ ୧ ॥

ସୂତ୍ରଧାର— ଆବେ ଝାଡ଼ୁଓ୍ୱାଲା, ତୁମ ଏତନା ଘଡ଼ ରେଣ୍ଡିଉଣ୍ଡି ଲୋକ ଘରମେ ମଜା କରତା ଥା । ହାମାର୍ ମିର୍ଜା ସାହେବ କେତନା ଦଣ୍ଡ ଆକର ବୈଠା ହୁଆ ହୈ । ସାଲେକୋ ମାଲୁମ୍ ନେହିଁ ! ଫୁର୍ତ୍ତି କାମ୍ ବଜାଓ ।

ମିର୍ଜା— (ଝାଡ଼ୁଓ୍ୱାଲ ପ୍ରତି ଗାଳ) ବଦମାସ ଝାଡ଼ୁଓ୍ୱାଲ, ଝାକେ ସବ୍ ଭଙ୍ଗ, ଚଲତା ହେ ମସ୍ତ ହୋକର୍ ଯେ ସେ ତପଙ୍ଗ୍ ତପଙ୍ଗ୍ । ମଯୂଲ କୟା ହେ ମଜଲସ୍ ପରଓ୍ୱା ନା ରଖ୍‌କେ କୁଛ. ଜଲଦ ନକାଲେ ଉସ୍‌କୁ ସୋଳ ବୋଦ ଢ଼ଙ୍ଗ୍ ।

ଝାଡ଼ୁ— [ଗୀତ]

ଏ କାମ୍ ସେ ନକବ୍ ସାହେବ ମେରେ ନେହିଁ କାମ୍ ।
ଫଜର୍ ସେଁ ଝାଡ଼ୁ କୟା ହୁଆ ଆ କେ ଶାମ୍ ॥
ଛ ମଯୂନା କାମ ବଜାୟା ଅବ୍ ତକ ଦରମା ନେହିଁ ପାୟା ।
ଏସେ ଝାଡ଼ୁ ଯୋ ଲୟା ଦେଖୋ ଜୀ ଓ ରାମ ॥ ୧ ॥

ସୂତ୍ରଧାର— ଆରେ ଏ ଝାଡ଼ୁ ତୋ ହାମାର୍ ମିର୍ଜା ସାହେବ କା ନେହିଁ । ତୁମ୍ ଏ ଝାଡ଼ୁ କାହାଁ ସେ ଲୟା ?

ଝାଡ଼ୁ— ଝାଡ଼ୁ ମେରା ଖସ୍ ଖସ୍ କାହେ ଇତର ଯେତେ ମହଲେ,
ଯେ ଟସ ହୋବେ ଫୁଲ୍ ଗୋଲାପ ବାଗ୍‌କେ ଯୌସନ୍ ହୋତେ ।
ଝାଡ଼ୁ କରନା କାମ୍ ମେରା ଗାଲି ଶୁଭ ସହକେ ।
ଧନ୍ ଅପନା କଥା ଲେତା ହୁଁ କୁଳା ଶଲ୍‌କୁଠ୍ ବଢ଼କେ ।

* ଭଦ୍ରକର ଦେବଳ ବାଙ୍କାବଜାରରେ ସେତେବେଳେ ଗଣିକା ବସ୍ତି ଥିଲା ।

Digitized by srujanika@gmail.com

ଦସ୍ତ ଫଜର୍ ସେ ଝାଡ଼ୁ କରନା ବସ୍ତ୍ ଫଜର୍ ସେ ଆକେ ।
ଗୃହ୍ରୁ ବାଇ ବୋଲାସ୍ଥା ମୁହଁକୋ ହାତ ଇସବ କର୍କେ ।
ଗେସ୍ଥା ମୈନେ ନଜଳ ଉସକେ ଥାମା ମୈନେ ଉସକେ ।
ବେତାବ୍ ହୋକେ ଓ ବଲ୍ପସ୍ଥା ବାବା ମାରେ କାକେ ।
ଉସ୍କୋ ମୈନେ ଗ୍ରେଡ଼ ଭଗା ପୌଗ୍ଁ ଏହ୍ୱାଁପର ଆକେ ।
ଇସ୍ ନଦୀ ସେ ଗୋସଲ୍ କରକେ ଆଲ୍ଲା କା ନାମ୍ ଲେକେ ।

(ମଜଲିସ୍‌ରେ ଝାଡ଼ୁ ଦେଇ ସଫା ସୁତୁରା କରିବା)

ଗ୍ରେଟଦାର— ଯାଓ, ଅଭ ଚଲ୍ ଯାଓ, ଝାଡ଼ୁ ତୋ ବନା ଦସ୍ଥା ।

ଝାଡ଼ୁ— ଝାଡ଼ୁ ତୋ ବନା ଦସ୍ଥା । ଇନାମ ଉନାମ କୁଛ ନେଇଁ । ବୋଲୋ
ମିର୍ଜା ସାହେବକୋ, ଝାଡ଼ୁକସ କୁଛ ଇନାମ ଗୃହାତା ହୈ ।

ଗ୍ରେଟଦାର— ଏହ ମିର୍ଜା ସାହେବ, ଏହ ମିର୍ଜା ସାହେବ, ଏହ ମର୍ଜା ସାହେବ ।
ଝାଡ଼ୁକସ କୁଛ ଇନାମ ଗୃହାତା ହୈ ।

ମିର୍ଜା— ଏ ବଲ୍‌କଦ୍ଧା !

ଗ୍ରେଟଦାର— ଲକ୍ଟେକ୍ !

ମିର୍ଜା— ତସ୍ପୁ ମୁକାମରା ଯା ଫର ସରଦ ନମାସୁଦ୍ ଇସ୍ ଆତ୍ ତହବଲ୍
ସେଁ। ପିଞ୍ଚା ରୁପେୟା ଝାଡ଼ୁକସ୍‌ରା ଇନାମ୍ ଦେ୍ ।

ଗ୍ରେଟଦାର— ଯାଓ ଯାଓ, ତୁମକୋ ପଚୃଶ ରୁପେୟା ମିଲ୍ ଗସ୍ଥା । ଲେ କେ
ଭାଗୋ ।

ଝାଡ଼ୁ— ପଚୃଶ ରୁପେୟା ମେରା କ୍ୟା ହୋଗା ? ଏକ୍ ଦୋ ରୋଜ୍ ଗୁଲ
ଖାନେକୋ ନେଇଁ ହୋଗା ।

(ଗୀତ)

ଗୁଲ ଖୋରେର୍ ଗୁଲ ଖାବାର ନାଁ ଜାନୋ ସାହେବ ଆପନ୍ଧା
ଗୁଲ ଖେଲେ ମଜା ପେଲେ ଖୁଜେ ବେଡ଼ାବେ ରମମାଁ ॥
ପେଡ଼ା ପାନ୍ତାସ୍ଥ ; ଯାସ୍ ହବେ
ତାତେ ଅଫିମ୍ ଘନ୍ ଗୋଲା ଯାବେ,
ମୁଁଗେର୍ ମତନ ଛୁଟେ ହବେ
ଗୁଡ଼୍ ହବେ ମାଖନ୍ ଟିନେ ॥ ୧ ॥

Digitized by srujanika@gmail.com

ଚୋପଦାର— ଯାଓ ଯାଓ, ମିର୍ଜା ସାହେବକୋ ସଲାମ୍ ବଜା ଦେକେ ଚଲ ଯାଓ ।

ଝାଡ଼ୁ— (ମିର୍ଜା ସାହେବଙ୍କ ପ୍ରତି ସଲାମୀ)
ତସଲିମ୍ ମନ ବଖିଦ ମନ୍ତ୍ର ସଦ୍ ହଜାରେ ବାଡ୍ର ।
ଆଦାବ୍ ମନ୍ ବଖିଦ ମନ୍ତ୍ର ଆଲି ଯୁନାବାଦ୍ ।
(ଆସରଓ୍ୱାଲଙ୍କ ପ୍ରତି) ଓ ଜୀ ବୈଠନେଓ୍ୱାଲେ ଏହାଁ ପର କ୍ୟା ହୋତା ହୈ !

ଆସରଓ୍ୱାଲ— ଏହାଁପର ବାବାଦମ୍ କ ଯାଗା ହୋତା ହୈ ।

ଝାଡ଼ୁ— (ମହାଦେବଙ୍କ ଉଦ୍ଦେଶ୍ୟରେ 'ଝୁଲନା' ଗାଇବ)

ଜଗ୍ ଜାଗତା ଯୋତ୍ରକ ବସ୍ତା ଦେଉରୀ
ଗୃହନ ଯୋତ୍ରକ ଦର୍ କରେ ।
ବସୁଆ ବଏଲ୍ ହଜୁର ବୈଠେ
ଲଙ୍ଗର୍ ଧରେ ଯୋ ଭୁଲ ସାରେ ॥ ୧ ॥
ଭୁଲ ସାରେ କ ଫୁଲ ଖୋଲେ
ଯେ ସେ ଥୋପଥୋପି ଲଟକତା ହେ ।
ବଲ୍ଲଭ କହେ ଭୋଲନାଥ ସ୍ୱାମୀ
ସା ଦେଉସି ଗର୍ଭେଶ୍ୱର କରେ ॥ ୨ ॥
ତା ଥେଇ ରେ, ଥେଇ ରେ, ତା ତା ଝେଇ ରେ ଥେଇ ରେ ଥେଇ...
(ପ୍ରସ୍ଥାନ)

ମିର୍ଜା— ଏ ବଲକୟା ।

ଚୋପଦାର— ଲଡ଼େକ ।

ମିର୍ଜା— ଫର୍ରାସକୁ ତଲବ ବକୁନ !

ଚୋପଦାର— (ଡାକନ୍ତି) ଫର୍ରାସ ଚଲ ଚଲ ତବ !

ଫର୍ରାସ— (ହାତରେ ମଦ ବୋତଲ ଓ କାନ୍ଧରେ ତଉଲିଆ, ବଛଣା ସଜ କେତେକ ଚୋକ ପ୍ରବେଶ କରିବା)

[ଗୀତ]

ଆତା ହୁଁ ମେ ଖାବ୍‌ଗା ସେଁ ପ୍ୟାଲଉଠାହୁଆ —ରୁଠା ହୁଆ ।
ଝୁଙ୍କ୍‌ତା ହୁଁ ମେ ଖୁମାର ସେ କୁଛ ତହମସା ହୁଆ ॥

Digitized by srujanika@gmail.com

ମଉଓ୍ବାର ଆଖିଆ ଲନ୍ଦାସେଁ କୁଛ କୁଛ ଡ଼େଙ୍କି ହୁଇ ।
ଶର ବସନ କ ଜର ଶିରପର ଲଟପଟା ହୁଆ ॥ ୧ ॥

ଚୈପଦାର— ତୁମ ଫର୍‌ରାସ ହୋ, ନା କୋନ ହୋ ?

ଫରାସ— (ଗୀତ)

ଦଲ ଖୁନଯୋ ଦେ ଓ ରାଜା ଦଲହାମ୍ ମାନ୍ଦାନେ ହାନ ।
ବର ହାଲେ ଦଲମ ରହମେ ଜୋ ମନ ଐସେ ଫେସାନ ॥
ଏକ ଓ୍ବାରେ ଅକସ ହାମ ଚୈଖମା
ଜାନେ ବେ ଖସମ ତା ଚନ୍ଦ୍ର ମେରା ଆଜପର
ଓ ତର ତକ ଦର୍ଓ୍ବାନ ॥ ୧ ॥

ସରେ ଗାମ୍ ହନ୍ଦ ରାମ ତୋଦେର ନାମ ମାନ ଏ ଗୁଞ୍ଜାଦ୍
ଓ୍ବାନ ହସ୍ତ ଦଲ ସେଁ କେତଓ୍ବା ଗୁପ୍ତ ଯଓ୍ବାନ ॥ ୨ ॥
ଆଜ ଦରଦ ରଦ ନେଇଁ ଇସକେ ତୋ ବାତ୍ତ
ହେଜେର ଦମ ଫିନା ଓଲେ କସଯୁ ମାରା ତୋବେ ଦେଓ୍ବାନ ॥ ୩

ଚୈପଦାର— (ମାତାଲ ଫରାସକୁ ଠେଲ ଦେଇ) ଆବେ, ମିର୍ଜା ସାହେବ ଆ
କେ ବୈଠା, ମଜଲିସ ମେ ବଛାନା ହୁଆ ନେଇ । ଫୁର୍ତ୍ତି ବଛୁନା
ବନା ଦୋ !

ଫରାସ— (ମିର୍ଜାଙ୍କ ଆଗରେ ଖଣ୍ଡିଏ ତଉଲିଆ ପକାଇ)

ବାପ୍ପୁଏ ଫର୍‌ରାସ ଜବ କାହାଁ ଖାଡ଼ା ହେ ଖିମେ ଗୌଣ୍ଡା,
କାହାଁପର ଝାଡ଼ ଖାଡ଼ାଓ୍ବେ କାହାଁ ପର ମେଜ ପଡାଓ୍ବେ,
କାହାଁ ପର ହାଣ୍ଡି ଓ ଲଟକନ କାହାଁପର ଲାଲ ଓ ଝଟକନ୍,
କାହାଁପର ଫୁଲ ଗୋଲାପୀ କାହାଁପର ବେଲ ଓ କଲି,
କାହାଁପର ଆବ୍ ଲଟକତା କାହାଁପର ତାବ୍ ଲଟକତା,
କାହାଁପର ବେଲ୍ ଲଟକତା ।

ହାମ୍ ତୋ କାମ ବନା ଦୟା । ଅବ ଚଲେ । ହାମ ବଡ଼ା ମଉଜ
ମେ ହେ ।

ଚୈପଦାର— ଆବେ କ୍ୟା ମଉଜ ବତଲାଓ !

Digitized by srujanika@gmail.com

ଫରଵସ— (ଗୀତ)

ପାସୁ ଟଲେ ଟଲେ ଢଲେ ପଡ଼େ ଓଇ ତ ବଡ଼ ମଜା ॥
ଏକ ପଇସାର ମଦ କନେ ଖେଯେ ଛିଲାମ ଛତଶ ଜନେ
ଆଧ ପଇସାର ପୋଟଲ କନେ କରେଛିଲାମ ଭଜା ॥ ୧ ॥
ନର୍ଦ୍ଦମାତେ ଶୁଯେ ଥାକ ହାଜାର ଟାକାର ସ୍ୱପ୍ନ ଦେଖି,
ଯମରଜା କେ ଫାଙ୍କି ଦେଯେ ଆମି ହଲମ ରଜା ॥ ୨ ॥

(ଗୀତ)

ତାରା ଗୁଓ ନୟନେର କୋନେ, ମା ତାରା ।
ମଦ ମାଂସ ଖନେ କତ୍ରା ଭତର ପାନେ ଟାନେ, ମା ତାରା ॥
ଲୁଚି ଖେଲମ ସନ୍ଦେଶ ଖେଲମ ତାର ମଜା କଛୁ ନା ପେଲମ
ମୁଧୁ ମାହ ଖେଯେ ମରଲମ୍ ତାଇ ବଡ଼ ଖେଦ ମନେ, ମା ତାରା ॥
ଶୁନୋ ମା ଗୋ ଗୁନ ନିଧି କରେ ଦେ ମା ମଦେର ନଦୀ
ଶୁଣ୍ଡୀ ବେଟାର ଖୋସାମଦ ଆର ସହେନା ପ୍ରାନେ, ମା ତାରା ॥ ୨

ଫରବସ— (ଆସରଓ୍ୱାଲଙ୍କ ପ୍ରତି) ଓ ଜୀ ବୈଠନେଓ୍ୱାଲେ, ଏହାଁ ପର କ୍ୟା ହୋତା ହୈ ।

ଆସରଓ୍ୱାଲ— ଏହାଁ ପର ବାବା ଦମ୍କ ଯାତ୍ରା ହୋତା ହୈ ।

ଫରବସ— ବାବାଦମ୍କା ଇସ୍ମ ଶରୀ ?

ଆସରଓ୍ୱାଲ— ବାବାଦମ୍କ ଇସମ୍ ଗର୍ଭେଶ୍ୱର । *

ଫରବସ— (ମହାଦେବଙ୍କ ଉଦ୍ଦେଶ୍ୟରେ 'ଝୁଲନା' ଗାଇବ)

ଗର୍ଭେଶ୍ୱର କ ଶେରଭ ଭର କ
ସବ୍ ଲୋ ଜୋଡ଼ କ ହାତ୍ ।
ମନ୍ ମନୋହର ହୋନା ହକ୍କର
ଡେହର୍ ଲଗେ ହସ୍ କୋରା ॥ ୧ ॥
ଯୋ କୋଇ ଆତେ ଦରଶନ ପାତେ
ମୁକତ ହୋଏ ଦନ ସାରା ।

* ଅଭିନୟ ସ୍ଥଳ ଅନୁସାରେ ଭିନ୍ନ ଭିନ୍ନ ମହାଦେବଙ୍କ ନାମ ବୋଲଯିବ ।

Digitized by srujanika@gmail.com

ସାବ୍ ଅ଼ଲମ୍ ଯିସକୋ ଧାୟେ
ଚରନ୍ ଶରନ ମେ ତେବ୍ ॥ ୧ ॥
ତା ଥେଇ ରେ, ଥେଇ ରେ, ତା ତା ଥେଇ ରେ ଥେଇ ରେ ଥେଇ...
(ପ୍ରସ୍ଥାନ)

ମିର୍ଜା— ଏ ବଲକୟା !

ଚୋପଦାର — ଲବ୍‌ବେକ୍ ।

ମିର୍ଜା— ଓଡ଼େଶା ମୁଲକ୍ ନାହ୍ଵନ୍ ସ଼ାର୍ ଖାଜାନେ ଓସ୍ତଖାନ୍ ହାଁଜାର ଲଙ୍ଗୋଟବନ୍ଦ୍ ମର୍ଦ ବସିଆର, କଲମ୍‌ମେ ଆଏନ୍‌ଖୋର କାଗଜ ବରଖତାର, ଦସ୍ତଦସ୍ତ ପଞ୍ଚାନ୍ ଗିରଫ ତାନ ବଏଲଗନ ଇଢ଼ ଇଢ଼ ମେ ଗୋଏନ । ଚ୍ୟା ତଗୋ ମାବ୍ ପୁରସନ, ଏକମ ବକ୍ତ ନାହ୍ଵନ ଜାର ବାଉଲ ଗୃନ୍ଦ ସୁଲତାନ ମୁଗମେ ଗୋଏନ । ପିଞ୍ଜା ହାଜାନେ ସଓ୍ୱାର ଲଖୋ ବରକନ୍ଦାଜାର, ବୈମୁଲକ ଦଖନ୍ ତାଇଁ ଆନନ୍ଦମୁଦ୍ ।

ଚୋପଦାର— (ଆସରଓ୍ୱାଲ ପ୍ରତି) ଦେଖୋ, ହାମାବ୍ ମିର୍ଜା ସାହେବ କହତେ-ହେଁ ତୁମାବ୍ ଓଡ଼େଶା ମୁଲକ ମେଁ ଖାଜାନାଖାନା ନେଇଁ, ଅଓର ଲିଖ୍‌ନେ କେ ଲୟେ କାଗଜ ନେଇଁ କଲମ ନେଇଁ ଅଓର ସ୍ୟାଇ ନେଇଁ । ମରଦ ଲୋଗ୍ ସବ ଶିର ମେ ପଗଡ଼ି ନେଇଁ ଦେତେ ହେଁ । ଔରତ ଲୋଗ୍ ସବ କଚ୍ଛୁଟି ମାରକେ କପଡ଼ା ନେଇଁ ପେହେରେତେ ହେଁ । ଏତନା ସବ ଗ୍ଲୋଟା ଗ୍ଲୋଟା ବାତ୍ ଦେଖତେ ହେଁ । ଅଓର ତାଲକା ପତା ଉପର ଲୋହକେ ଓକ ଦେ କେ ଲିଖତେ ହେଁ । ଅଓର ହାମାବ୍ ମିର୍ଜା ସାହେବ ଆନେ ଘଣ୍ଟ ବସ୍ତା ମେ ଦେଖା ଯେ ଏକଠୋ ଲଙ୍ଗଲଆ ଦୋଠୋ ବଏଲ ଯୋଡ଼କେ ଇଢ଼ ଇଢ଼ କରକେ ଲଙ୍ଗଲ କରନ୍ତେ ହେଁ । ବଏଲ ନେଇଁ ଜାନେ ସୋ ଉସକା ଚୁତଡ଼ ମେ ଏକଠୋ ପାଞ୍ଚନ ମେ ଦୋ ଗ୍ଦର ଭୁଣି ଲଗାତେ ହେଁ । ଏସେ ଏସେ ବହୁତ ଗ୍ଲୋଟା ଗ୍ଲୋଟା ବାତ୍ ତୋମାବ୍ ଓଡେଶା ମୁଲକ ମେ ଦେଖା ହେ ।

ଆସରଓ୍ୱାଲ— ତୋମାବ୍ ମିର୍ଜା ସାହେବ ଆ କେ କହାଁ ଘରକେ ମାଫି ବୈଠା । ଉସକା ନାଁଓ କ୍ୟା, ଗାଓଁ କ୍ୟା, ଶିକାସ୍ଥ ନେଇଁ, ସବାର ନେଇଁ, ଗୃକର ନେଇଁ, ନୌକର ନେଇଁ, ଆକେ ଛୁପ୍‌କେ ବୈଠେ ।

Digitized by srujanika@gmail.com

ଚୋପଦାର— ଏଯୂ ମିର୍ଜା ସାହେବ, ଏଯୂ ମିର୍ଜା ସାହେବ, ଏଯୂ ମିର୍ଜା ସାହେବ । ଆଲମ ଲୋକ କହତେ ହେଁ ତୋମାରା ମିର୍ଜା ସାହେବ ବଡ଼ା ଶ୍ରେଷ୍ଠା ଆଦମୀ ହେ । ଉସକା ନାଁଓ କ୍ୟା; ଗାଓଁ କ୍ୟା, ଚାକର ନୌକର କୁଛ ନେଇ; ଶିକାଶି ସବାରି କୁଛ ନେଇଁ, ଚୋରକା ମାଫିକ୍ ଆକେ ବୈଠା ।

ମିର୍ଜା— ଖୁବ୍ ଦରକେ ମର୍ଦମାନ୍ ହୁକୁମ ମେ ଚେ ବୟସ । ଆସମାନ୍ ମିର୍ଜା ଗୁଲଜାର୍ ବେଗ ଆଜ ହଜୁର୍ ଫଏଜ ଗଞ୍ଜୁର୍ ବାଦଶା ଆଲମପନା ବଖିଛ ମତ୍ର ।

ଚୋପଦାର— (ଆସରଓ୍ୱାଲ ପ୍ରତି) ଦେଖୋ ଜୀ ବୈଠନେଓ୍ୱାଲେ. ହମାର୍ ମିର୍ଜା ସାହେବକା ଏତନେ ଏତନେ ନାମ ହେ ।

ଆସରଓ୍ୱାଲ— ମିର୍ଜା ସାହେବ କା କେତନା କେତନା ନୌକର ଚାକର ହେ !

ଚୋପଦାର— ଏଯୂ ମିର୍ଜା ସାହେବ, ଏଯୂ ମିର୍ଜା ସାହେବ ଏଯୂ ମିର୍ଜା ସାହେବ । ଆଲମ ଲୋକ କହତେ ହେଁ— ତୋମାର୍ ମିର୍ଜା ସାହେବକା କେତନା କେତନା ନୌକର ଚାକର ହେ ।

ମିର୍ଜା— ଚାକରାନ୍ ମନକୋ ଦସ୍ତ ଆମ୍ଦେ, ଦେଓ୍ୱାନ, ନାଏବ ଦେଓ୍ୱାନ, ସୁବେଦାରାନ୍, ସୁବାଦାରାନ୍, ଜମିଦାରାନ୍, ଜମାଦାରାନ୍, ଗୁମାସ୍ତା, ଛେଣ୍ଟି ବରଦାର, ମୋଣ୍ଟି ବରଦାର, ଝାଡ଼ୁବରଦାର, ପଙ୍ଖାବରଦାର, ହୁକା ବରଦାର ତେଲଙ୍ଗା ସିପାୟାନ୍, ଓଲନ୍ଦାଜାନ୍ ବରକନ୍ଦାଜାନ୍ ସଉ୍ୱାରକାରାନ୍ ପିୟାଦାରାନ୍, ସିରସ୍ତାଦାରାନ, ପେସ୍କାରାନ୍, ନାଜରାନ, ଓଗେରାନ ଖରଦ ।

ଚୋପଦାର—ଦେଖୋ ହମାର୍ ମିର୍ଜା ସାହେବ କା ଏତନା ଏତନା ଚାକର ନୌକର ହେ ।

ଆସରଓ୍ୱାଲ—ତୋମାର୍ ମିର୍ଜା ସାହେବ କୋନ କୋନ ମୁଲକ ସଯୂଲ କଏ !

ଚୋପଦାର— ଏଯୂ ମିର୍ଜା ସାହେବ ଏଯୂ ମିର୍ଜା ସାହେବ, ଏଯୂ ମିର୍ଜା ସାହେବ । ଆଲମ୍ ଲୋକ କହତେ ହେଁ— ତୋମାର୍ ମିର୍ଜା ସାହେବ କୋନ କୋନ ମୁଲକ ସଯୂଲ କଏ !

ମିର୍ଜା— ସହର କର ଦସ୍ତ ମନକୋ ଦସ୍ତ ଆମ୍ଦେ—ଆନସାବାଦ, ସୟଦାବାଦ, ମୁର୍ଶିଦାବାଦ ହାୟଦ୍ରାବାଦ, ଅଖ୍ବାଖବାଦ, ଓଲନ୍ଦାବାଦ, ବହଲବାଦ, ଅବନାବାଦ, ବଙ୍ଗ୍ଲୋର, ଲହୋର, ଶଚୋର, ଆମେଜ,

Digitized by srujanika@gmail.com

ଆଜମିର, ଆରବ, ଇରାନ, ସୁଲତାନ, ମୁଲତାନ, ଆଫଗାନସ୍ତାନ, ବେଲୁଚିସ୍ତାନ, କଲକତା, କଟକ, ପୁରୀ, ବାଲେଶ୍ୱର ଓଗେରାନ ଗରହ ।

ଟ୍ରେପଦାର—ଦେଖୋ ହାମାରା ମିର୍ଜା ସାହେବ ଏତନା ଏତନା ମୁଲକ ସଫର କିଏ ।

ଆସରଓ୍ୱାଲ—ତୋମାରା ମିର୍ଜା ସାହେବ କ୍ୟା କ୍ୟା କିତାବ ପଢ଼େ ହେଁ !

ଟ୍ରେପଦାର—ଏୟୁ ମିର୍ଜା ସାହେବ, ଏୟୁ ମିର୍ଜା ସାହେବ, ଏୟୁ ମିର୍ଜା ସାହେବ ! ଆଲମ ଲୋକ ପୁଛତେ ହେଁ— ତୋମାରା ମିର୍ଜା ସାହେବ କ୍ୟା କ୍ୟା କିତାବ ପଢ଼େ ହେଁ !

ମିର୍ଜା— ଏ ବଲ୍‌କୟୁ, କେତାପ ବାହାମଏ କୁତଫ୍ ହଦାୟୁ, ଖଦାୟୁ, କାଞ୍ଜେ ସବେ୍‌କାୟୁ, ସରେମୁଲ୍ଲା, କାଫିୟୁ, ହେଦାୟୁ ଭୁସ୍ତାନ, ହସରେ ମିହ୍ନତ୍, ଇଲ୍‌ତମା ମିସୁଲ୍, ଚେରଗିବା, ହାମରେ ହାମନ, ବୁହାରେ ସୁଦା, ଅମିଲ ତରଫ, ନକସଫ ମୁଲଖା, ଫରମୁଦସୁମ ଓଗେରାନ ଗରହ ।

ଟ୍ରେପଦାର-- ଦେଖୋ ହାମାରା ମିର୍ଜା ସାହେବ ଏତନା ଏତନା କିତାବ ପଢ଼େ ହେଁ ।

ଆସରଓ୍ୱାଲ-- ଦେଖୋ ତୋମାରା ମିର୍ଜା ସାହେବ କୋନ କୋନ ଚିଡ଼ୟୁ, ଅଉର କୋନ କୋନ ଜାନୁଓ୍ୱାରାନ୍ ରଖେ ହେଁ ।

ଟ୍ରେପଦାର ଏୟୁ ମିର୍ଜା ସାହେବ, ଏୟୁ ମିର୍ଜା ସାହେବ ଏୟୁ ମିର୍ଜା ସାହେବ । ଆଲମ ଲୋକ ପୁଛତେ ହେଁ— ତୋମାରା ମିର୍ଜା ସାହେବକା କ୍ୟା କ୍ୟା ଚିଡ଼ୟୁ ଅଉର କୋନ କୋନ ଜାନୁଓ୍ୱାରାନ୍ ହେଁ ।

ମିର୍ଜା - ଜାନୁଓ୍ୱାରାନ୍ ଅଓର ଚିଡ଼ୟୁ ମନକୋ ଦସ୍ତ ଆମୁଦେ— କୁହ୍ନ, କୋହା, ବୁଦ୍‌ବୁଦ୍ , ବାଜ୍ , ବହେର, ଲଲମନ, ହରାମନ୍, ବସୁବେସର, ମାନିଆଉ, ତରେ, କବୁତର, କୁସର, ମସୁଲପଣ୍ଡକ, ବୁଲବୁଲ, ସନ୍ତ୍ରକୋଏଲ ଓଗେରାନ ଗରହ ।

ଟ୍ରେପଦାର-- ଦେଖୋ ହାମାରା ମିର୍ଜା ସାହେବକା ଏତନା ଏତନା ଚିଡ଼ୟୁ ହେଁ ।

ଆସରଓ୍ୱାଲ— ତୋମାରା ମିର୍ଜା ସାହେବକା କ୍ୟା କ୍ୟା ବାଗ ବଗିଚ୍ଚ ହେଁ ।

ଟ୍ରେପଦାର— ଏୟୁ ମିର୍ଜା ସାହେବ, ଏୟୁ ମିର୍ଜା ସାହେବ, ଏୟୁ ମିର୍ଜା ସାହେବ । ଆଲମ ଲୋକ ପୁଛତେ ହେଁ— ତୋମାରା ମିର୍ଜା ସାହେବକା କ୍ୟା କ୍ୟା ବାଗ୍ ବଗିଚ୍ଚ ହେଁ ।

Digitized by srujanika@gmail.com

ମିର୍ଜ୍ଜା— ଏ ବଲକଯ୍ୟା, ବାଗୁରାନ ମନକୋଦସ୍ତ ଆମୁଦେ— ସାଁଇନେ, ବାଦ୍‌ଶିକର, ସକ୍‌କବୁତର, କବ୍‌କୁଲଙ୍ଗୀ, ଲଗ ଲଗ, ଅବସିକସ୍ତି- ପର, କସମିସ; ଛୁଆଁରା; ଅନାରସ; ବାଦାମ; ଖୋଚମୋରେ; ଭେପା; ନସି; ସାଇତୁନ୍‌; ପୋସ୍ତା; ସେକ ସକ୍‌ରାଲ; ଫୁଲ ସବ୍‌କଦ୍‌ ତରବୁଜା ଓଗେରାନ ଗରଦ ।

ଗ୍ଲେପଦାର— ଦେଖୋ ହାମାରା ମିର୍ଜା ସାହେବକା ଏତନା ବାଗ୍‌ ବଗିଚ୍ଛ ହେ ।

ମିର୍ଜା— ଆଲମ୍‌କ ଗୁଲମା ଖୁବ୍‌ ଦେଖା ଏଠା ଗୁଲ କାହେ ଜମି ହେ ।
ଯ୍ୟା ତସ୍‌ ଗୁଜାଲେ ଯୋ ଦେଖା ମହେ ଚାପ୍‌ ଛଟନା ହେ ।
ଇସ୍‌ ସହର ମେ ହମ୍‌ ଖୁବ ଦେଖା ଖୋସବାସ ନସିଦ୍‌ ହେ ।
ବଲ୍ଲଭ କହେ ସୌକନ୍‌ କ ପାରସି ନସିଦ୍‌ ବୈଠୀ ହେ ।
ତା ଥେଇ ରେ, ଥେଇ ରେ, ତା ତା ଥେଇ ରେ, ଥେଇ ରେ ଥେଇ···

ଗ୍ଲେପଦାର— (ଆସରଓ୍ୱାଲଙ୍କ ପ୍ରତି) ଦେଖୋ ହାମାରା ମିର୍ଜା ସାହେବ ପୁଛତେ ହେଁ— ତୁମ ଲୋକ ଏହାଁ ପର କସ୍‌ ବାସ୍ତେ ଜମେ ହୋ, ଅଉର କ୍ୟା କରତେ ହୋ !

ଆସରଓ୍ୱାଲା— ଏହାଁପର ବାବାଦମ୍‌କ ଯାବା ହୋତା ହେ ।

ଗ୍ଲେପଦାର— ଏଯ୍ୟୁ ମିର୍ଜା ସାହେବ. ଏଯ୍ୟୁ ମିର୍ଜା ସାହେବ, ଏମ୍ୟୁ ମିର୍ଜା ସାହେବ । ଏହାଁ ପର ବାବାଦମ୍‌କ ଯାବା ହୋତା ହେ ।

ମିର୍ଜା— ଏ ବଲକଯ୍ୟା, ଖୁବ୍‌ ଦରଜେ ମର୍ଦ୍ଧମାନ ହୁକୁମ ମେ ରେ ବଯ୍ୟୁସ୍‌ ବାବାଦମକ ଇସମ୍‌ ଚସ୍ତ ? ମୂଲକରା ଇସମ୍‌ ଚସ୍ତ ? ତୁଗନା ରା ଇସମ୍‌ ଚସ୍ତ ? ଅଉର ମୌଜାରା ଇସମ୍‌ ଚସ୍ତ ?

ଗ୍ଲେପଦାର— ଓ ଜୀ ବୈଠନେଓ୍ୱାଲେ, ହାମାରା ମିର୍ଜା ସାହେବ ପୁଛତେ ହେଁ— ତୋମାରା ବାବାଦମ୍‌କ କ୍ୟା ନାମ ହେ ! ତୋମାରା ଏ ମୁଲକ କୋନ ମୁଲକ୍‌ ହେ ! କୋନ ତୁଗନା ହେ ! ଅଉର କୋନ ମୌଜା ହେ ।

ଆସରଓ୍ୱାଲା— ବାବାଦମ୍‌କ ଇସମ୍‌ ଗର୍ଭେଶ୍ୱର * । ମୁଲକରା ଇସମ୍‌ ଓଡ଼େଶା । ତୁଗନା ନାମ: ଗଡ଼ଆ ଓରଗଡ଼ା । ମୌଜାର ନାମ ହବସର୍‌ ସାହାପୁର (ଅଭିନୟ ସ୍ଥାନ ଅନୁଯାୟୀ ଜାନୁଗଞ୍ଜ, ସଙ୍ଗଡ, କୁଆଁସ ପ୍ରଭୃତି ମୌଜାର ନାମ କୁହାଯିବ ।)

---

* ଅଭିନୟ ସ୍ଥଳ ଅନୁଯାୟୀ ମହାଦେବଙ୍କର ଭିନ୍ନ ଭିନ୍ନ ନାମ ବୋଲଯିବ ।

Digitized by srujanika@gmail.com

ମିର୍ଜା— ଅଗ୍ରିସୁଁ ଭୁର୍କା ଭୁର୍କା ଲେ ବଦସ୍ତୁ ସ୍ୱାର ହେଲେ
ବଖାଲେ ହୃନ୍ଦୀ ବକସ ତମାମି ମୁଲକ ଓଡ଼େଶା ।

(ମୌଜା ତାରଫ)—

ଆଜ ବଜାୟେ ସାହାପୁର ✱
ଭଦରକ ବଚ୍‌ମେ ହୟେ ହଜୁର
ଗର୍ଭେଶ୍ୱର ନାମ ବସ୍ତି ଖୋସବାସ୍ ଲୋକ
ବଡ଼େ ଅଜବ ଧାମ୍ ।
ବାଗ ବାଗ ଦରଖତାନ୍ ଅଓର୍ ପୁଖର ନଜକ
ସୀନୋ ଲେବେ ସାଜ ।
ହମାକ୍ ଖୋସ୍ ନଦରଏ ଓଏ ଶିର ତାଜ ।

(ମହାଦେବ ତାରଫ୍ —

ଜଟାଜୁଟ୍ ମକୁଟ ଶିରେ ଗଙ୍ଗ ଶୋହେ ଅର୍ଦ୍ଧ ଚନ୍ଦ୍
ବସ୍ତଜତ ଶିର୍ ଉପର ।
ଆଁଖ ରଙ୍ଗକ ଭଙ୍ଗ ସେ ରଙ୍ଗ୍ ଚଢ଼େ
ବମ୍ ବମ୍ ଭୋଲା ସଦାଶିବ ଶଙ୍କର ।
କର୍ଣ୍ଣମୁଦ୍ରାକ ଜୋଡ଼ ଜଗତ୍ ଢୁଣ୍ଢେଁ
ଯୋ ହାତ ଶୋହେ ଡ଼ମ୍ବୁରୁପର ।
ସାହାପୁର ମୌଜେ ଗଡ଼ ନ୍ୟାରେଁ ଦେଖା
ବମ୍ ବମ୍ ଭୋଲା ସଦାଶିବ ଶଙ୍କର ॥

ତା ଥେଇ ରେ; ଥେଇ ରେ; ତା ତା ଥେଇ ରେ ଥେଇ ରେ ଥେଇ···

ମିର୍ଜା— ଏ ବଲ୍ଲକୟା ।

ଗ୍ରେପଦାର— ଲବ୍ଧେକ୍ ।

ମିର୍ଜା— ହୁକା ବରଦାର୍ ତଲବ କରୁନ୍ ।

ଗ୍ରେପଦାର— ନସ୍ତୁଁମନ୍ତ୍ର ବନ୍ଲତା ହୁଁ । (ଡାକନ୍ତି) ଚଲି ବେ, ହୁକା ବରଦାର୍ ଚଲ ଚଲି ବେ ।

✱ ଅଭିନୟ ସ୍ଥାନ ଅନୁସାରେ ସଙ୍ଗତ, ଜାନୁଗଞ୍ଜ, କୁଆଁସଥାଦ ହୋଇପାରେ ।

Digitized by srujanika@gmail.com

ହୁକାବାଲ୍ଲା— [ଗୀତ ଗାଇ ଆସିବ— ସାଙ୍ଗରେ ଆଣିଥିବ ହୁକା, ଚିଲମ ଆଦି]

ହୁକାର ତରେ ଡାକଛ ନକବ୍ଜୀ
ବାବୁ ଆମି ବସମ ଫେରେ ଟେଡ଼େଛୁ ॥
ବନ୍ ବେତନେ କାଜ୍ କର
କେନ ଏତ ହୁକୁମ କାର ।
ଶୁଣ୍ଡୀର ଦୋକାନେତେ ହୁକୋ
